Digitized by ...@gmail.com

ନାଟକ ରୀତିମତ

ନାଟ୍ୟକାର : ରାମଚନ୍ଦ୍ର ମିଶ୍ର

ବୁକ୍‌ସ୍ ଏଣ୍ଡ୍ ବୁକ୍‌ସ୍
ବିନୋଦ ବିହାରୀ କଟକ-୨

Digitized by srujanika@gmail.com

ନାଟକ ରୀତିମତ

ଲେଖକ : ଶ୍ରୀ ରାମଚନ୍ଦ୍ର ମିଶ୍ର (ନାଟ୍ୟକାର)

ପ୍ରକାଶକ : କୃଷ୍ଣଚନ୍ଦ୍ର ବେହେରା
ବୁକ୍ସ୍ ଏଣ୍ଡ ବୁକ୍ସ୍
ବିନୋଦ ବିହାରୀ, କଟକ-୨

ପ୍ରଚ୍ଛଦ ଶିଳ୍ପୀ : ଅନନ୍ତ ପାଣ୍ଡେ

ପ୍ରଥମ ମୁଦ୍ରଣ : ୧୯୮୧
ଦ୍ୱିତୀୟ ମୁଦ୍ରଣ : ୧୯୮୫
ତୃତୀୟ ମୁଦ୍ରଣ : ୧୯୮୭

ମୁଦ୍ରାକର : ସଞ୍ଜୁକ୍ତା ପ୍ରିଣ୍ଟର୍ସ
ରାଜାବଗିଚା, କଟକ-୯

ମୂଲ୍ୟ : ସାତଟଙ୍କା ମାତ୍ର

Digitized by srujanika@gmail.com

—ନାଟକ ଲେଖାର କଥା—

୧୯୫୭ ମସିହାର ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ନାଟ୍ୟସଂସଦ ସେକ୍ରେଟାରୀ ଦାୟିତ୍ୱ ନେଇଥାନ୍ତି ଶ୍ରୀମାନ ଜଗତ ମୋହନ ସୁବୁଦ୍ଧି (ବର୍ତ୍ତମାନ ଆମେରିକାବାସୀ ଡାକ୍ତର ଜଗତ ମୋହନ ସୁବୁଦ୍ଧି F.R.C.S). ସେ ଯେ କେବଳ ଗାଁ ପିଲା ତା ନୁହେଁ, ସେ ଏକ ପ୍ରକାର ଘରପିଲା। ତାଙ୍କ ପରିବାର ସହିତ ଆମ ପରିବାରର ସମ୍ପର୍କ ବେଶ ଭଲ। ସେହି ଦାବୀ ନେଇ ଶ୍ରୀମାନ୍ ଜଗତ ଜୋର୍ କଲେ ଗୋଟିଏ ନାଟକ ଲେଖିଦେବାକୁ ତାଙ୍କ କଲେଜ ପାଇଁ। ସେତେବେଳେ ମୋର ଭାଇ ଭଉଜ ନାଟକ ଲେଖା ଚାଲିଥାଏ। ମୋ ମହିତ ଏଡାଇ ନପାରି ତାଙ୍କ କଥାରେ ହଁ ଭରିଲି ତାଙ୍କ କଲେଜର ପୂର୍ବ ପରମ୍ପରାକୁ ସେ ବର୍ଣ୍ଣିବାକୁ ବସିଛନ୍ତି। ଥିଏଟର କରିବାରେ ରାମଚନ୍ଦ୍ର ମେଡ଼ିକାଲ କଲେଜର ବଡ ଉଚ୍ଚ ପରମ୍ପରା ଥାଏ। କଲିକତାରୁ ସବୁ ସମୟରେ ଦୃଶ୍ୟସଜ୍ଜା, ରୂପସଜ୍ଜା ଓ ଆଲୋକ ପରିଚାଳନାପାଇଁ ଅଭିଜ୍ଞ ଲୋକ ଆସନ୍ତି, ବେଶ୍ ପଇସା ଖର୍ଚ୍ଚ ହୁଏ। କୌଣସି ପୌରାଣିକ କିମ୍ବା ଐତିହାସିକ ନାଟକ ମଞ୍ଚସ୍ଥ ହୁଏ। ଖୁବ୍ ଜାକଜମକରେ ନାଟକ ମଞ୍ଚସ୍ଥ ହୁଏ କିନ୍ତୁ ସେ ସମୟକୁ ଓଡ଼ିଶାର ପେଶାଦାରୀ ରଙ୍ଗମଞ୍ଚ ଗୁଡ଼ିକର ନାଟକ ଦର୍ଶକମାନଙ୍କ ମନକୁ ଖୁବ୍ ଆକୃଷ୍ଟ କରିଥାଏ। ଅନ୍ୟଭାଷାରୁ ରୂପାନ୍ତରିତ ନାଟକ ଗୁଡ଼ିକ ମୁଖ୍ୟତଃ ସାମାଜିକ ନାଟକ। ବାସ୍ତବଧର୍ମୀ ନାଟକ ଗୁଡ଼ିକ ପ୍ରତି ଶିକ୍ଷିତ ସମାଜର ଆକର୍ଷଣ ବୃଦ୍ଧି ପାଇଥାଏ। ସେଥିପାଇଁ ଡାକ୍ତରୀ ଛାତ୍ରମାନେ ନିଷ୍ପତ୍ତି କରିଥାନ୍ତି ସେହି ବର୍ଷ ଗୋଟିଏ ନୂତନ ନାଟକ ମଞ୍ଚସ୍ଥ କରିବେ। ସେହି ନାଟକ ଲେଖେଇ ନେବାର ଦାୟିତ୍ୱ ନେଇଥାନ୍ତି ଶ୍ରୀମାନ ସୁବୁଦ୍ଧି। ହଁ କରିଦେଲି ପରଠାରୁ ଶ୍ରୀମାନ ସୁବୁଦ୍ଧି ଓ ତାଙ୍କର ବନ୍ଧୁମାନଙ୍କର ଧାଡ଼ି ଚାଲିଲା ପାଣ୍ଡୁଲିପି ପାଇଁ। ଭାଇ ଭଉଜର ଲେଖା ସରି ନଥାଏ। ଯୁବକମାନଙ୍କୁ କେତେ ବା ଭୁଲାଇବି। ଧିନେ ଶେଷ ଜବାବ ମିଳିଲା— କାଲି ଯଦି ପାଣ୍ଡୁଲିପି ନମିଳେ ଏବର୍ଷ ନାଟକ ବନ୍ଦ। କାଲି ପର୍ଯ୍ୟନ୍ତ ନିଶ୍ୱାସ ମିଳିଲା। ଖୋରାକ ମଧ୍ୟ ମିଳିଗଲା।

Digitized by srujanika@gmail.com

ନାଟକ ବନ୍ଦ – କାହିଁକି ବନ୍ଦ ? ସେ କ'ଣ ନାଟକର ବିଷୟବସ୍ତୁ ହୋଇପାରେନା ? ତାପରେ ଡାକ୍ତରୀ କଲେଜ ପାଇଁ ଡାକ୍ତରୀ ବିଷୟ ଥିବା ଲେଖାଟିଏ ଭଲ ହୁଅନ୍ତା ଭାବି ତା–୧୮–୧୧–୬୩ ରିଖ ସକାଳବେଳା ଅନ୍ନପୂର୍ଣ୍ଣା ଥିଏଟର ରିହାରସାଲ ପରେ, ଏହି ନାଟକ ଆରମ୍ଭ କଲି ଏବଂ ଏକା ନିଶ୍ୱାସରେ ପ୍ରାୟ ୨୦ ମିନିଟ୍ ସମୟ ଗାଳ୍ପରେ କିଛିଟା ଲେଖା ହୋଇଗଲା । ମନରେ ସାହାସ ଆସିଲା । ପ୍ରତିଦିନ ଦୁ'ପହରେ ଏହି ନାଟକ ଲେଖାହୁଏ—ସନ୍ଧ୍ୟାବେଳେ ଶ୍ରୀମାନ ସୁବୁଦ୍ଧି କମ୍ପା ତାଙ୍କର ବନ୍ଧୁ ଆସି ଯାହା ଲେଖା ହୋଇଥାଏ ତାକୁ ନେଇଯାନ୍ତି । ରାତି ଦଶଟାବେଳେ ରିହାରସାଲ ହୁଏ ରାତି ବାରଟା ପର୍ଯ୍ୟନ୍ତ । ସାତଦିନରେ ବହି ଲେଖା ସରିଲା । ଦଶଦିନରେ ମଞ୍ଚସ୍ଥ ହେଲା । ମନରେ ଭୟ ଓ ଉତ୍କଣ୍ଠା । ସୌଖୀନ ରଙ୍ଗମଞ୍ଚରେ ଏହାପୂର୍ବରୁ ମୋର ନାଟକ ମଞ୍ଚସ୍ଥ ହୋଇନଥାଏ । ବ୍ୟବସାୟିକ ରଙ୍ଗମଞ୍ଚରେ କଳାକାରମାନଙ୍କ ନିଷ୍ଠା ତାଙ୍କ ଭିତରେ ରହିବ କି ନାହିଁ ? ତାପରେ ଏ ନାଟକଟି ହୋଇଗଲା ମୂଳରୁ ଶେଷ ପର୍ଯ୍ୟନ୍ତ ଗୋଟିଏ ଭିନ୍ନ ପ୍ରକାରର । ରଙ୍ଗମଞ୍ଚରେ ଅଭିନୟ ହୁଏ—ଅଭିନେତା ଓ ଅଭିନେତ୍ରୀ ସ୍ୱ ସ୍ୱ ଭୂମିକାରେ ଅଭିନୟ କରନ୍ତି । ଦର୍ଶକମାନେ ଦର୍ଶକ ମଞ୍ଚରେ ରହି ଅଭିନୟ ମାଧ୍ୟମରେ ରସ ଆସ୍ୱାଦନ କରନ୍ତି କିନ୍ତୁ ଏହି ନାଟକରେ ତାହା ନାହିଁ, ନାଟକ ମଞ୍ଚସ୍ଥ ହେବାରେ ବିଳମ୍ବ ପାଇଁ କୈଫିୟତ୍ ଦେଉଛନ୍ତି ସେକ୍ରେଟାରୀ, ଯଦିଓ ଦର୍ଶକମାନଙ୍କ ଭାବାନୁରୂପ ଉତ୍ତର ପ୍ରତ୍ୟୁତ୍ତର ମାଧ୍ୟମରେ ନାଟକ ଗତିଶୀଳ । ଦର୍ଶକମାନେ ଏହି ନାଟକରେ ଏକ ମୁଖ୍ୟଭୂମିକା ଗ୍ରହଣ କରୁଛନ୍ତି । କୌଣସି କୌଣସି ନାଟକରେ ଏହାର ପରବର୍ତ୍ତୀ କାଳରେ ନାଟକ ଆରମ୍ଭ ବା ମଝିରେ ଦର୍ଶକମାନଙ୍କ ମଧ୍ୟରୁ କୌଣସି ଚରିତ୍ର ରଂଗମଞ୍ଚରେ ପ୍ରବେଶ କରିବା ବା ଦର୍ଶକମାନଙ୍କ ସହିତ କେବଳ କଥୋପକଥନ ହେବାର ଲକ୍ଷ୍ୟ କରାଯାଇଛି, କିନ୍ତୁ ଏହି ନାଟକରେ ମୂଳରୁ ଶେଷଯାଏ ଦର୍ଶକମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖାଯାଇଛି । ଏଥିରେ ଦେଖା ଯାଉଛି ଯେ ଦର୍ଶକମାନେ ଗୋଟିଏ ନାଟକର ଅପରିହାର୍ଯ୍ୟ ଅଂଗ । ଏହି ପରୀକ୍ଷାରେ

Digitized by srujanika@gmail.com

ସଫଳତା ଲଭ କଲେ ପ୍ରଥମ ଅଭିନୟ ରଜନୀର ଶେଷରେ—ଯେତେବେଲେ ସମସ୍ତ ଦର୍ଶକ ଅବଚଳିତ ଭାବେ ତାଙ୍କ ଆସନରେ ବସି ରହିଲେ, ତାପରେ 'ନାଟକ' ଦେଖିବା ପାଇଁ ଏବଂ ଦର୍ଶକ ମାନଙ୍କ ମଧ୍ୟରୁ ସ୍ୱର୍ଗତ ଅଧ୍ୟାପକ ଜୟକୃଷ୍ଣ ମିଶ୍ର ପ୍ରଭୃତ ଅନ୍ୟମାନଙ୍କୁ ଖବର ପଠାଇଲେ ପ୍ରକୃତ ନାଟକ ଆରମ୍ଭପାଇଁ ଆଉ କେତେ ସମୟ ଲାଗିବ ବୋଲି ।

ଏହି ନାଟକ ଲେଖା ଓ ମଞ୍ଚସ୍ଥ କରିବାରେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କର ଯେଉଁ ଉତ୍ସାହ ତାହା ଭୁଲିବାର ନୁହେଁ । ବିଶେଷତଃ ବନ୍ଧୁ ପାର୍ଥ ରାଓ ଯେ କି ସ୍ୱତଃପ୍ରବୃତ୍ତ ହୋଇ ଏହି ନାଟକରେ ପ୍ରଫେସର ଭୂମିକାରେ ଅଭିନୟ କରିଥିଲେ ଏବଂ ମୋର ବଚନିକା ସହିତ ରୋଗୀର ମନସ୍ତତ୍ତ୍ୱ ବିଶ୍ଳେଷଣ କରି ଯେଉଁ ସଂକ୍ଷିପ୍ତ ଭାଷଣଟି ଦେଇଥିଲେ, ଦର୍ଶକମାନଙ୍କ ମଧ୍ୟରୁ ଅନେକ ଭୁଲି ଯାଇଥିଲେ ଯେ ସେମାନେ ନାଟକ ଦେଖୁଛନ୍ତି । ସେହି ଭାଷଣର ଉପାଦେୟ ଅଂଶ ସନ୍ନିବେଶିତ କରିବାର ଇଚ୍ଛା ଥିଲେ ମଧ୍ୟ ବନ୍ଧୁଙ୍କଠାରୁ ତାହା ନପାଇ ଦୁଃଖିତ ।

ତେଣୁ ଏ ଗୋଟିଏ ନାଟକ – ନାଟକ ଲେଖା ମଝିରେ ଲେଖାଟିଏ । ଯେଉଁ ଅନୁଷ୍ଠାନ ଉଦ୍ଦେଶ୍ୟରେ ଲିଖିତ, ତାହାର ଅବସ୍ଥାଓ ସହିତ ବେଶି ମେଳ ହୋଇପାରିଲା । ମେଡ଼ିକାଲ କଲେଜର ଛାତ୍ରଛାତ୍ରୀ ମିଳି ଏକାଧି ସେ ନାଟକ ପରିବେଷଣରେ ଏହା ପ୍ରଥମ । ଏମିତି କେତେ ଗୁଡ଼ାଏ ଦୃଷ୍ଟିରୁ ଏହା ଅନେକ ଦର୍ଶକ, ଅଭିନେତାମାନଙ୍କର ମନେ ପଡୁଥିଲା କାହିଁକି ବହି ଛପା ହେଉନାହିଁ ବୋଲି । ମୋତେ କୈଫିୟତ ଦେବାକୁ ପଡୁଛି । ଏହା ପରବର୍ତ୍ତୀ ସେହି ମେଡ଼ିକାଲ କଲେଜର ନାଟ୍ୟସଂସ୍ଥା ଅଭିନୟ କରିଥିବା ମୋର ନାଟକ 'ଅନ୍ତରାଗ – ଗୋଧୂଳିଲଗ୍ନ' ନାମରେ ଛପା ହୋଇଗଲା । ମାତ୍ର ଏହି ନାଟକ ଖଣ୍ଡିକ ପଡ଼ି ରହିଲା । ସେତେବେଳେ ଏହି ନାଟକର କୌଣସି ନାମକରଣ କରି ନଯାଇ ରଖା ଯାଇଥିଲା 'ନାଟକ' । ଏହାଦ୍ୱାରା କେହି କେହି ଭାବିଲେ ଏହା ଏକ ଅନାମିକା ନାଟକ । ତେଣୁ ସେ ଦୋଷ କଟାଇବାକୁ ବର୍ତ୍ତମାନ ଏହାର ନାମକରଣ କରାଗଲା "ନାଟକ ରୋଗମତ" ।

Digitized by srujanika@gmail.com

ଯେଉଁମାନେ ଏହି ନାଟକ ପରିବେଷଣ କରିବାକୁ ଚାହାନ୍ତି ତାଙ୍କପାଇଁ ପଦେ—

ନାଟକ ମଧ୍ୟରେ ନାଚଗୀତ ରହିବାକୁ ଆଜି କାଲି ଅନେକ ଚାହାନ୍ତି ନାହିଁ, କିନ୍ତୁ ନାଚଗୀତ ନାଟକର ପରମ୍ପରାଗତ ଅଂଗ । ନାଟକର ଅଂଗହାନି ନକରି ନାଚଗୀତ ପରିବେଷଣ କରିବାକୁ ସ୍ଥାନ ନିର୍ଦ୍ଦେଶ କରା ଯାଇଛି । ଯଦିବା, କି ନାଚ କି ଗୀତ ତାର ଉଲ୍ଲେଖ ନାହିଁ । କାରଣ ଅନେକ ସମୟରେ ଦେଖାଯାଏ ସୌଖୀନ ଦଳମାନେ ନାଟକ ପରିବେଷଣ କଲାବେଳେ ସେମାନଙ୍କର ନାଚ ଗୀତରେ ପାରଦର୍ଶିତା ପ୍ରଦର୍ଶନ ପୂର୍ବକ ବନ୍ଧୁମହଲର ବାହାବା ଶୁଣିବାକୁ ଆକାଂକ୍ଷା ପୋଷଣ କରିଥାନ୍ତି । ସେମାନେ ପାରଦର୍ଶିତା ଲାଭ କରିଥିବା ନାଚଗୀତ ପ୍ରଦର୍ଶନର ସୁଯୋଗ ଏହାଦ୍ୱାରା ପାଇ ପାରିବେ ।

ଦ୍ୱିତୀୟ କଥା ହେଲା, ଏହା ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଉଦ୍ଦେଶ୍ୟରେ ଲେଖା ହୋଇଥିବାରୁ ମୂଳଲେଖା ଯାହା ଥିଲା ସେଥିରେ କିଛି ପରିବର୍ତ୍ତନ କରାଯାଇ ନାହିଁ । କିନ୍ତୁ ଅନ୍ୟ କୌଣସି ଅନୁଷ୍ଠାନ ତାହା ଅଭିନୟ କଲେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ପରିବର୍ତ୍ତେ ନିଜ ଅନୁଷ୍ଠାନର ନାମ ଯୋଗ କରିବେ ଓ ତାହା ସହିତ ଆନୁସାଂଗିକ ପରିବର୍ତ୍ତନ କରିପାରିବେ—ଯଥା ମେଡ଼ିକାଲ କଲେଜର ପ୍ରିନସିପାଲ ପରିବର୍ତ୍ତେ ଅନୁଷ୍ଠାନର ସଭାପତି, ସେକ୍ରେଟାରୀ, ଚେୟାରମାନ ଇତ୍ୟାଦି ପରିବର୍ତ୍ତନ କରାଯାଇପାରିବ ଏବଂ ଏ ପରିବର୍ତ୍ତନ ଅସ୍ୱାଭାବିକ ଜଣାଯିବ ନାହିଁ, କାରଣ ଆଜି କାଲି ପ୍ରତ୍ୟେକ ସଂସ୍ଥା ସହିତ ସେବାମୂଳକ କାର୍ଯ୍ୟ ସଂଯୋଗ କରାଯାଇଛି ।

ଏହି ନାଟକଟି ବହୁଦିନ ପରେ ପାଠକମାନଙ୍କ ହାତକୁ ଆସିବାକୁ ଯେଉଁମାନେ ଦାୟୀ ସେମାନଙ୍କୁ ମୋର ହୃଦୟର କୃତଜ୍ଞତା ଜଣାଉଛି ।

ଦଶପଲ୍ଲା
ଡିସେମ୍ବର, ୧୯୮୦

ବିନୀତ
ଲେଖକ

Digitized by srujanika@gmail.com

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ୧୯୬୩
ମସିହାରେ ଅଭିନୀତ 'ନାଟକ ରୀତିମତ'ର କଳାକାରବୃନ୍ଦ :--

ସୁଚନା ମିସ୍ ଜେ. ବେଗମ୍

ସାଧନା — ମିସ୍. ରାଜେଶ୍ୱରୀ ଦଳବେହେରା

ଆଶା — ମିସ୍. ଏସ୍. ନାୟକ

ସେକ୍ରେଟାରୀ - ଡାଃ. ରାଧାନାଥ ରଥ

ଉଦୟ — ଶ୍ରୀ ଏସ୍. କେ. ଦାସ

ମ୍ୟାନେଜର - ଶ୍ରୀ ଜି. ପି. ପଣ୍ଡା

ଡାକ୍ତର ରାୟ -- ଡାଃ ଏସ୍. ରାୟ

ପ୍ରଫେସର — ଡାଃ ପାର୍ଥ ରାୟ

ଅଶୋକ — ଡାଃ ଆକୁଳାନନ୍ଦ ଷଡ଼ଙ୍ଗୀ

ତାନ୍ତ୍ରିକ - ଶ୍ରୀ ପି. ସି. ସେନ୍‌ଗୁପ୍ତ

ଗୁଣିଆଁ — ଶ୍ରୀ ଏସ୍. ସି. ମିଶ୍ର

କବିରାଜ — ଶ୍ରୀ ଏସ୍. ଏନ୍. ମିଶ୍ର

ସଭାପତି — ଶ୍ରୀ ବି. କେ. ପଟ୍ଟନାୟକ

ନିର୍ଦ୍ଦେଶନା -- ସାମୁଏଲ୍ ସାହୁ

Digitized by srujanika@gmail.com

ଚରିତ୍ରରେ:—

ପୁରୁଷ :

ସେକ୍ରେଟାରି

ମ୍ୟାନେଜର

ସଭାପତି

ଉଦୟ

ଅଶୋକ

ବୈଦ୍ୟ ଶିରୋମଣି

ତାନ୍ତ୍ରିକ ପ୍ରହ୍ଲରାଜ

ଯନ୍ତ୍ରୀ ଗୁଣିଆ ସିଂ

ମାନ୍ତ୍ରିକ ହ୍ରଷ୍ଟମନ୍ତ୍ରୀ

ପବନକୁମାର

ଡାକ୍ତର ରାୟ

ପ୍ରଫେସର

ସ୍ତ୍ରୀ

ସୁଚନ୍ଦା

ଆଶା

ସାଧନା

Digitized by srujanika@gmail.com

ଦୃଶ୍ୟାରମ୍ଭ

□

[ରଙ୍ଗମଞ୍ଚରେ ନାଟକ ପ୍ରଦର୍ଶନର ସମସ୍ତ ଉତ୍ତବାହ୍ୱତ ହୋଇଥିଲେ ମଧ୍ୟ ଦୃଶ୍ୟପଟ ଅପସାରିତ ହୋଇ ନ ଥାଏ । ଧନ ଧନ କରତାଳି ମଧ୍ୟରେ ଦୃଶ୍ୟପଟ ସମ୍ମୁଖରେ ପ୍ରବେଶ କଲେ ସେକ୍ରେଟାରୀ ।]

ସେକ୍ରେଟାରୀ—ନମସ୍କାର । ବହୁତ ବିଳମ୍ବ ହେଲା । ଆମର ପୂର୍ବ ପରମ୍ପରା ବାହାରକୁ ଚାଲିଗଲା । ପୌରାଣିକ କିମ୍ବା ଐତିହାସିକ ବିଷୟବସ୍ତୁକୁ ଛାଡ଼ି, ଆମର 'ଡ୍ରାମାଟିକ୍ ସୋସାଇଟି' ଇତିହାସ ସୃଷ୍ଟି କରିବାକୁ ଭାବିଥିଲା । ଆମ ଭାବନା ହେଲା ପ୍ରକାରେ, କାର୍ଯ୍ୟତଃ ହେଲା ଅନ୍ୟ ପ୍ରକାରେ । ସେଥିପାଇଁ ଆମର ଦୋଷାଦୋଷର ବିଚାର ଆପଣମାନଙ୍କ ଉପରେ ନିର୍ଭର କରେ । ପେଶାଦାରୀ ଦଳ ହୋଇଥିଲେ କଥା ନିଶ୍ଚୟ ଅଲଗା ହୋଇଥାନ୍ତା । ଏକେତ ସୌଖୀନ୍—ତାପରେ କେତେକ ବେକାରୀ ଯୁବକଯୁବତୀଙ୍କ ସୌଖୀନ୍—ତା'ର ଉପରେ ଭରସା କରି ଏତେ ଦୂର ଆଗେଇଥିଲୁ । ଆପଣମାନଙ୍କ ପାଖକୁ ନିମନ୍ତ୍ରଣ ପଠାଇବାର ସାହସ କରିଥିଲୁ । ଆପଣମାନେ ନିଶ୍ଚୟ ପୂର୍ବ ଆଶାପୋଷଣ କରି ଏଠାକୁ ଆସିଛନ୍ତି । ନିଶ୍ଚୟ

Digitized by srujanika@gmail.com

ଜାକଜମକ ଥିବ—ନିଶ୍ଚୟ ଅାଖି ଝଲସିଆ କିଛି ଦେଖିବାକୁ ମିଳିବ, କିଛି ନ ହେଲେ ଆମ କ୍ଲବର ପୂର୍ବ ସୁନାମ ବଜାୟ ରଖିଲା ଭଳି ନିଶ୍ଚୟ କିଛି ବ୍ୟବସ୍ଥା ଥିବ ।

ସବୁ ଥିଲା—ଓଡ଼ିଶାର କେତେକ ପ୍ରଖ୍ୟାତ ମଞ୍ଚଶିଳ୍ପୀ ଏଥିରେ ସହଯୋଗ କରିବାର କଥା । ତାପରେ ସୁଖର କଥା, ଆମର ଝାନଦାନୀ ପରିବାରର ଝିଅମାନେ ମଧ୍ୟ ଅଂଶ ଗ୍ରହଣ କରିବାକୁ ଆଗେଇ ଆସିଥିଲେ । ଆପଣମାନଙ୍କୁ ଆପଣମାନଙ୍କ ଆସନ ଯାଏଁ ପହଞ୍ଚାଇ ଆଣିଲା ପର୍ଯ୍ୟନ୍ତ ଆପଣମାନେ କିଛି ବ୍ୟତିକ୍ରମ ଦେଖିପାରି ନଥିବେ । ରଙ୍ଗମଞ୍ଚର ଅଭ୍ୟନ୍ତରରୁ ପ୍ରଥମ ଘଣ୍ଟି, ଦ୍ୱିତୀୟ ଘଣ୍ଟି ବାଜିଲା ପର୍ଯ୍ୟନ୍ତ ମଧ୍ୟ ସେ ସାହସ ମୁଁ ହରାଇ ନ ଥିଲି । କିନ୍ତୁ ବର୍ତ୍ତମାନ ସେ ଦମ୍ଭ ମୋର ନାହିଁ । ସେ ସାହସ ମୋର ହଜିଯାଇଛି । କେବଳ ଆପଣମାନଙ୍କଠାରେ କ୍ଷମା ପ୍ରାର୍ଥନା ଜଣାଇବା ଛଡ଼ା ଉପାୟ ନାହିଁ । ଯଦି ଏପରି ଦୁର୍ଘଟଣାର ସୂଚନା ଆମେ ପୂର୍ବରୁ ପାଇଥାନ୍ତୁ ତାହାହେଲେ ଆପଣମାନଙ୍କର ବିରକ୍ତି ଭାଜନ ହେବାକୁ କେବେ ମନ ବଳାଇ ନ ଥାନ୍ତୁ ।

ଦୁର୍ଘଟଣା ମାନେ, ଦୁର୍ଘଟଣା ଛଡ଼ା ଏହାକୁ ଆଉ କିଛି କହି ହେବନି—ତା' ପୁଣି ଏତେ ହଠାତ୍, ମାନେ Sudden, ମାନେ very sudden, ମାନେ ଚକ୍ଷୁର ପଲକପାତଠାରୁ ଆହୁରି ଦ୍ରୁତ, ମାନେ ଆଷାଢ଼ ଆକାଶରେ ଚପଳା ଗତିଠାରୁ ଚଞ୍ଚଳ, ମାନେ ସହସା ନିର୍ମଳ ଆକାଶରୁ ଏପରି ବଜ୍ରପାତ

Digitized by srujanika@gmail.com

ହେବ । ବିଶେଷତଃ ଆମର ଅନୁଷ୍ଠାନ ଉପରେ, ଏ ପ୍ରକାର ମଧୁମୟ ସନ୍ଧ୍ୟାରେ ତାହା କେବଳ ମୋର ଏକା ନାହିଁକ, ଆମର ଅନୁଷ୍ଠାନର ପ୍ରତ୍ୟେକ ସଭ୍ୟ କେବଳ ନୁହେଁ, ଆପଣମାନେ ଶୁଣିଲେ ମଧ୍ୟ ଚମତ୍କୃତ ହେବେ ।

ଅବଶ୍ୟ ଆପଣମାନେ ସ୍ଥିରବୁଦ୍ଧି ଧୀର ଚିତ୍ତରେ ଯଦି ଅନୁକୂଳ ଭାବାପନ୍ନ ହୋଇ ବିଚାର କରିବେ, ନିଶ୍ଚୟ ମୋ ସହିତ ଏକମତ ହେବେ । ଦୁନିଆରେ ଯେତେ ସବୁ ଦୁର୍ଘଟଣା, ଦୁର୍ବିପାକ ଦୁର୍ବିସହ, ଦୁଃସମ୍ବାଦ, ଦୁଃଖ, ଦୈନ୍ୟ ସବୁକୁ "ଫୁ" କରିବା ନିମିତ୍ତ ଆମର ଏ ଯେଉଁ ଅନୁଷ୍ଠାନ —ତା'ର ଛାତ୍ରଛାତ୍ରୀମାନଙ୍କର ଏ ଯେଉଁ ଶୁଭସନ୍ଧ୍ୟାର ଆୟୋଜନ ହୋଇଥିଲା ସବୁ ଚୂରମାର କରିଦେଲା ଜନତା ଏକ୍ସପ୍ରେସ୍—ସେ ତ ଯାହା ଚୂରମାର ହୋଇଛି, ତା'ର ଖବର ନେଇ ବଡ଼ ବଡ଼ ଅକ୍ଷରରେ ଖବର କାଗଜ ପୃଷ୍ଠାରେ ସ୍ଥାନ ପାଇବ । କିନ୍ତୁ ତା'ର ଧକ୍କାଟା ଯେ କେମିତି ଆମ ଅନୁଷ୍ଠାନକୁ ଆଘାତକରି ମୁମୂର୍ଷୁ ଅବସ୍ଥାରେ ପକାଇ ଦେଇଛି, ତା' ଖବର କୌଣସି ଖବରକାଗଜ ଛାପିବ ନାହିଁ କି ଆପଣମାନେ କ୍ଷମା କରିବେ ନାହିଁ ।

ଏତେ ଗୁଡ଼ାଏ ସଂଗତିବିହୀନ ବକ୍ତୃତା ଶୁଣି ଅବଶ୍ୟ ଆପଣମାନଙ୍କର ଧୈର୍ଯ୍ୟଚ୍ୟୁତି ଘଟିବଣି, କିନ୍ତୁ ମୁଁ ବର୍ତ୍ତମାନ ଅବସ୍ଥାରେ ସବୁ ସଙ୍ଗତି ହରାଇ ବସିଛି । କଲିକତାରୁ ହେଡ଼-

Digitized by srujanika@gmail.com

ପେଣ୍ଟର୍ ଲାଇଟ୍‌ମ୍ୟାନ୍ ତ ନିଶ୍ଚୟ ଆସି ପାରୁନାହାନ୍ତି, ତା'ଛଡ଼ା ସେହି ଗାଡ଼ିରେ ଆଜ ଆମ ନାଟକର ପ୍ରଧାନ ନାୟକ ଭୂମିକାରେ ଯେ ଅଭିନୟ କରିବାର କଥା ଥିଲି, ସେହି ଉଦୟବାବୁଙ୍କର ଆସିବାର ଥିଲି । ଟେଲିଗ୍ରାମ ସକାଳେ ପାଇଥିଲୁ । କଣ୍ଟ୍ରାକ୍ଟରପାଇଁ ତାଙ୍କ ବନ୍ଧୁଙ୍କର ଅନୁରୋଧ ଏଡ଼ାଇ ନପାରି ସେ ତାଙ୍କର ରୁଗ୍‌ଣା ଭଉଣୀଙ୍କୁ ଦେଖିବାକୁ ଯାଇଥିଲେ । ତାଙ୍କର ଆଜ ଫେରିବାର କଥା—କିନ୍ତୁ ହଠାତ୍ ଏ ଦୁର୍ଘଟଣା—ଯିବା ପୂର୍ବରୁ ଆମେ ଅନୁରୋଧ କରିଥିଲୁ । ଆମ କ୍ଲବର ସଭାପତି ନିଜେ ମଧ୍ୟ ତାଙ୍କୁ ବ୍ୟକ୍ତିଗତ ଅନୁରୋଧ ଜଣାଇ କହିଲେ ।

(ପଞ୍ଚ ପରିବର୍ତ୍ତନ)

Digitized by srujanika@gmail.com

ଦୃଶ୍ୟାନ୍ତର

□

ସତ୍ୟପତି—ଦେଖ ଉଦୟ, ରୋଗ ଏ ଦୁନିଆରେ କାହାକୁ ଛାଡ଼ିନ । ଗୋଟିଏ ରୋଗୀର ଚିକିତ୍ସାପାଇଁ, ଉପଯୁକ୍ତ ଯଦି ଗୋଟିଏ ଡାକ୍ତରର ଦର୍କାର ହୁଏ, ତାହେଲେ ଏ ଦେଶର ରୋଗୀଙ୍କ ତୁଳନାରେ କେତେ ଡାକ୍ତରଙ୍କ ଦର୍କାର, ତାକୁ ଅଙ୍କ କଷି ବୁଝାଇବାର ଆବଶ୍ୟକ ବୋଧହୁଏ ପଡ଼ିବନି ।

ଉଦୟ—କିନ୍ତୁ ସାର୍, ସେ ଜଣେ ମୋର ବନ୍ଧୁ—ଅତି ଅନ୍ତରଙ୍ଗ ।

ସତ୍ୟପତି—Yes, I may add, he is poor too. ମାନେ ସେ ଅତି ଗରିବ—ସଙ୍ଗତିହୀନ, ନିହାତି ପଲ୍ଲୀ ଅଞ୍ଚଳରେ ତାଙ୍କର ନିବାସ । ହୁଏତ ଆଧୁନିକ ଚିକିତ୍ସାର ନାମ ପର୍ଯ୍ୟନ୍ତ ସେଠାରେ ପ୍ରବେଶ କରି ନାହିଁ ।

ଉଦୟ—ଆପଣ କ'ଣ ତାଙ୍କୁ ଜାଣନ୍ତି ?

ସତ୍ୟପତି—ନା, ତୁମର ବନ୍ଧୁଟିକୁ ନ ଜାଣିଲେ ମଧ୍ୟ, ରୋଗୀଟିକୁ ଚିହ୍ନିଛି ।

ଉଦୟ—ଆପଣ କ'ଣ ସେ ରୋଗର ଇତିହାସ ଜାଣନ୍ତି ?

ସତ୍ୟପତି—ରଙ୍ଗମଞ୍ଚରେ ଦୃଶ୍ୟ ପରେ ଦୃଶ୍ୟ ଗତିକଲା ପରି ତାର ପ୍ରତ୍ୟେକଟି ଛବି ମୁଁ ତୁମ ମୁଖ ଉପରେ ପ୍ରତିଫଳିତ ହେବାର ସ୍ପଷ୍ଟ ଦେଖି ପାରୁଛି ।

Digitized by srujanika@gmail.com

ଉଦୟ—ସାର୍ !

ସଭାପତି—Yes, my dear boy, ଦେଶର ବାହାନାରେ କେତେ ଯେ ଅନୁରାଗ ମନରେ ଜନ୍ମେ, ତାର ଇତିହାସ ପ୍ରତ୍ୟେକ ଜାତିର ଛାତ୍ରର ଜୀବନପୃଷ୍ଠା ଓଲଟାଇଲେ ଜଣାପଡ଼େ, and specially you have entered into that age, ତୁମର ସେ ବୟସ ହୋଇଚି ।

ଉଦୟ—ସାର୍, ଆପଣେ ହୁଏତ ଜାଣନ୍ତି ନାହିଁ···

ସଭାପତି—ଉଦୟ, ତୁମେ ହୁଏତ ଜାଣ ନାହିଁ । ତୁମେ କ'ଣ କରିବାକୁ ଯାଉଚ । ତୁମେ ଆମ କଲେଜର ଜଣେ କୃତିଛାତ୍ର, ଏହା ମୁଁ ସ୍ୱୀକାର କରୁଛି । ତୁମେ ତୁମର ଛାତ୍ରାବସ୍ଥାରେ ଏ ଜାତିର ଶିକ୍ଷାକୁ କେତେଦୂର କରାୟତ୍ତ କରିପାରିଛ, ତାହା ଅବଶ୍ୟ ମୋର ଜାଣିବାକୁ ବାକି ନାହିଁ । କିନ୍ତୁ ତମେ ଆଉଥରେ ବିବେଚନା କରି ଦେଖ; ତୁମର ବନ୍ଧୁମାନଙ୍କର ମନର ଅବସ୍ଥା କ'ଣ ହେବ ।

ଉଦୟ—ମୋର ବନ୍ଧୁର ମନର ଅବସ୍ଥା ଅବଶ୍ୟ ଏହାଠାରୁ ସାଂଘାତିକ ହୋଇ ଉଠିବ ସାର୍ !

ସଭାପତି—True – ହୋଇପାରେ apart from that ଅନୁଷ୍ଠାନର ଶୃଙ୍ଖଳା କେବଳ ନୁହେଁ, ସମ୍ମାନ ରକ୍ଷାକରିବା ମଧ୍ୟ ମୋର କର୍ତ୍ତବ୍ୟ । ତୁମେ ଜାଣ, ଦିନ ସ୍ଥିର ହୋଇ ନିମନ୍ତ୍ରଣ ପତ୍ର ସହରର ଭଦ୍ରଲୋକମାନଙ୍କ ପାଖକୁ ପଠାଯାଇ ସାରିଲାଣି ।

Digitized by srujanika@gmail.com

ଉଦୟ—ମୋ ପରିବର୍ତ୍ତେ ଆଉ ଜଣେ କାହାକୁ ଯଦି ପ୍ରସ୍ତୁତ କରାଯାଏ, ତାହାହେଲେ ବୋଧହୁଏ ବିଶେଷ କିଛି ଅସୁବିଧା ହେବନି—

ସଭାପତି—Just according to your proposal, ତୁମର କଥା ଅନୁସାରେ ଯଦି ଅନ୍ୟ କେହି ଡାକ୍ତରଙ୍କୁ ପଠାଇବାର ବ୍ୟବସ୍ଥା କରାଯାଏ ।

ଉଦୟ—ବିଶେଷ କିଛି ଫଳପ୍ରଦ ହେବନି ସାର୍ !

ସଭାପତି—ଦେଖୁଛି, ରୋଗୀଟିର ଡାକ୍ତରଙ୍କ ପ୍ରେସକ୍ରିପ୍‌ସନ୍ ଉପରେ ଯେତିକି ଭରସା ନାହିଁ, ଅଛି ତୁମର ଦର୍ଶନରେ ।

ଉଦୟ—(ନୀରବ)—

ସଭାପତି—ଦେଖ ଉଦୟ, ମୁଁ ତୁମ ଛାତ୍ରଜୀବନରେ ତୁମପ୍ରତି interested ଥିଲି । ସେହି ପ୍ରକାରେ ତୁମର ଭବିଷ୍ୟତ ପାଇଁ ମଧ୍ୟ ମୁଁ କମ୍ interested ନୁହେଁ । ଡାକ୍ତର ଜୀବନରେ ଦୟା, ଦୟାରୁ ମାୟା ଓ ଶେଷକୁ ମମତା ଲଗାଇ ବସିଲେ ତୁମେ ସବୁ କାର୍ଯ୍ୟରେ ଅକୃତକାର୍ଯ୍ୟ ହେବ ।

ଉଦୟ—କିନ୍ତୁ ସାର୍, ଆପଣ ତ ନିଶ୍ଚୟ ସ୍ୱୀକାର କରିବେ, ଡାକ୍ତର Prescription ଅପେକ୍ଷା, ରୋଗୀର ବିଶ୍ୱାସ ଉପରେ ଅନେକ ସମୟରେ ଆଶାତୀତ ଭାବରେ ରୋଗର ଉପଶମ ହୁଏ ।

ସଭାପତି—ତା' ଅବଶ୍ୟ ମୁଁ ସ୍ୱୀକାର କରୁଛି ।

Digitized by srujanika@gmail.com

ଉଦୟ—ସେହି ବିଶ୍ୱାସରେ ବନ୍ଧୁଟି ଯେ ମୋତେ ଏତେ ଜରୁରୀ ଭାବେ ନ ଡକାଇଚି, ତା କାହିଁକି ଆପଣ ଭାବବେ ।

ସଭାପତି—କିନ୍ତୁ ଏତେ ଲୋକଙ୍କର ବିଶ୍ୱାସ ଯେ, ତୁମ ବିନା ଯେ ଏ ଅଭିନୟ ହୋଇ ପାରିବନି । ଏକେ ତ ତୁମ ବନ୍ଧୁଙ୍କର ଲେଖା, ତାପରେ ସେ ଚରିତ୍ର ଗୁଡ଼ିକ ସର୍ବୋତ ତୁମରି ସମ୍ପର୍କ କୁଆଡ଼େ ଭାରି ଘନିଷ୍ଠ ।

ଉଦୟ—ଦେଖନ୍ତୁ ସାର୍, କର୍ତ୍ତବ୍ୟ ଓ ଅଭିନୟ ଏ ଦୁଇଟା ଭିତରୁ କର୍ତ୍ତବ୍ୟକୁ ଆପଣ ନିଶ୍ଚୟ ପ୍ରଥମ ସ୍ଥାନ ଦେବେ । ନିଜର ଆମୋଦ - ପ୍ରମୋଦ ଟିକକୁ ଜଳାଞ୍ଜଳି ନ ଦେଇ ଯଦି କର୍ତ୍ତବ୍ୟରେ ଅବହେଳା କରୁ, ତାହେଲେ ଆମ ଡାକ୍ତରୀ ଜୀବନର ସାର୍ଥକତା ରହିଲା କେଉଁଠି ? (ସଭାପତି ଟିକିଏ ଇତସ୍ତତଃ ହେଲେ) କୁହନ୍ତୁ ସାର୍, ନୀରବ ରହିଲେ କାହିଁକି ?

ସଭାପତି—ତୁମେ ମୋର ହୃଦୟର ଅତି ସୂକ୍ଷ୍ମ ତନ୍ତ୍ରୀରେ ଆଘାତ କରିଚ ଉଦୟ—ମୁଁ ତୁମକୁ ବାଧାଦେବାକୁ ଯାଉନାହିଁ । ଦେଖ ତା ସାଙ୍ଗେ ସାଙ୍ଗେ ତୁମର ବନ୍ଧୁମାନଙ୍କର ମନକୁ ରଖିଲା ଭଳି ଯଦି କିଛି ବ୍ୟବସ୍ଥା କରିହୁଅନ୍ତା ।

ଉଦୟ—ମୁଁ ତା'ର ଯଥାସାଧ୍ୟ ଚେଷ୍ଟା କରିବି । ଏବେ ପର୍ଯ୍ୟନ୍ତ ମୁଁ ସେମାନଙ୍କୁ ନାହିଁ କରିନାହିଁ— ହୁଏତ ସେଇ ଦିନକୁ ମୁଁ ଫେରି ଆସିବି······

(ନମସ୍କାର ଜଣାଇ)

[ପଞ୍ଚ ପରିବର୍ତ୍ତନ]

Digitized by srujanika@gmail.com

ଦୃଶ୍ୟାନ୍ତର

ସେକ୍ରେଟାରୀ—ଖାଲି ସେତିକି ନୁହେଁ—ମେଠାକୁ ଯାଇ ସେ ଟେଲିଗ୍ରାମ କରିଥିଲେ ନିଶ୍ଚୟ ଆମର ଆଜିକାର 'ସୋ'ରେ ଯୋଗ ଦେଇ ପାରନ୍ତେ—କିନ୍ତୁ ଏବେ ତ୍ରୁଟି ଯା କେଉଁଠି ତାହା କହିବା, ମୋ ପକ୍ଷରେ ବଡ଼ କଠିନ ହୋଇଯାଇଛି । ହଁ ଏଇ ଜଦପୂବାବୁ ତାଙ୍କର କଥା ରକ୍ଷାପାଇଁ ଆସିଛନ୍ତି, କିନ୍ତୁ ହଠାତ୍ ଜନତା ଏକ୍ସପ୍ରେସ୍‌ର ଦୁର୍ଘଟଣାପାଇଁ ଅଟକି ଯାଇଛନ୍ତି ।

ଏପରି ଅବସ୍ଥାରେ ଆପଣମାନେ ବିଚାର କରନ୍ତୁ ଦେଖି ଦୁର୍ଘଟଣାପାଇଁ ଦାୟୀ କିଏ ?

(ଅନ୍ତରାଳରୁ ଶୁଣାଗଲା……)

ସୂଚନା—ନିଷିଦ୍ଧ ବୋଲି ଏତେ ଗର୍ବ କରନ୍ତି କିନ୍ତୁ ଏବେ ଟିକିଏ ବି ଦାୟିତ୍ୱ ଜ୍ଞାନ ନାହିଁ । It is nonsense, sheer nonsense.

ସେକ୍ରେଟାରୀ—ଦେଖନ୍ତୁ । ଆପଣମାନେ ଏତେ ସମୟ ବସି ଯେତେ ବିବ୍ରତ ନୁହଁନ୍ତି, ତା' ଅପେକ୍ଷା ବେଶୀ ବିବ୍ରତ ଜନଗଣ ଲାଗି ପାର୍ଟ ମୁଖସ୍ଥ କରି, ଅଫିସରୁ ଛୁଟି ନେଇ ରିହର୍ସାଲ ଆଟେଣ୍ଡ କରିଥିଲେ ଯେଉଁ ଅଭିନେତା ଓ ଅଭିନେତ୍ରୀମାନେ—

(ସୂଚନା ପ୍ରବେଶ କରି)

ସୂଚନା—ଆପଣଙ୍କୁ ଏଥିପାଇଁ କୈଫିୟତ ଦେବାକୁ ହେବ ସେକ୍ରେଟାରୀ ।

Digitized by srujanika@gmail.com

ସେକ୍ରେଟାରୀ—ତା' ଦେବ, ଆପଣ ଭିତରକୁ ଯାଆନ୍ତୁ—ମୁଁ ଆଜ ଆଗନ୍ତୁକ ଅତିଥିମାନଙ୍କୁ ମୋ କୈଫିୟତ ଶୁଣାଇ ସାରେ ।

ସୁଚରିତା—ଗାର୍ଲସ୍ଷ୍ଟୁଡ଼େଣ୍ଟମାନଙ୍କୁ ଅପଦସ୍ତ କରିବାର ଏ ବୋଧହୁଏ ଆପଣଙ୍କର ଗୋଟାଏ ପ୍ଲାନ୍ !

ସେକ୍ରେଟାରୀ—ମୁଁ ଆପଣଙ୍କୁ ଅନୁରୋଧ କରୁଚି ସୁଚରିତା ଦେବୀ, ଆପଣ girl ଆଉ Boyର ଏ ନୂଆ ରାଜନୀତି ଏଠା ଭିତରକୁ ଆଣନ୍ତୁ ନାହିଁ ।

ସୁଚରିତା—ଆପଣଙ୍କର କଥାଗୁଡ଼ିକ ବେଶ୍ ସୁଗାର କୋଟେଡ୍, ବାହାରକୁ ବେଶ୍ ସୁନ୍ଦର; କିନ୍ତୁ--

ସେକ୍ରେଟାରୀ—କଥାଟା ଏଡ଼େ ଅସୁନ୍ଦର ହୋଇଯାଇଛି ଯେ, ଦ'ପଦ ସୁନ୍ଦର କଥା ନ କହିଲେ ଚଳୁନି ।

ସୁଚରିତା—କିନ୍ତୁ କଥାଟାକୁ ଏତେ ଅସୁନ୍ଦର କଲା କିଏ ?

ସେକ୍ରେଟାରୀ—ସେଇ କଥା ତ ଏତେବେଳଯାଏ ବୁଝାଇବାକୁ ଚେଷ୍ଟା କରୁଥିଲି । ଦୈବଦୁର୍ଘଟଣା ପାଇଁ କମିଟି ଦାୟୀ ନୁହେଁ ।

ସୁଚରିତା—ମୁଁ କହୁଚି ଏଥିପାଇଁ ଆପଣମାନଙ୍କ କମିଟି ପୂରା ମାତ୍ରାରେ ଦାୟୀ ।

ସେକ୍ରେଟାରୀ—ଆମ କମିଟି ?

ସୁଚରିତା—ହଁ, ହଁ; ଆପଣମାନଙ୍କ ମ୍ୟାନେଜମେଣ୍ଟ୍ । ଡ୍ରାମ କରିବାର ଯଦି ଥିଲା, ଉଦୟବାବୁଙ୍କୁ ବାଦ୍ ଦେଇ କ'ଣ ଚଳନ୍ତା ନ ଥିଲା ।

Digitized by srujanika@gmail.com

ସେନେଟର୍—କିନ୍ତୁ ସେ ଅତୀତ ଅବସ୍ଥାଟି ସୃଷ୍ଟି କଲା କିଏ ?

ସୁଚନା—କିଏ ? କହନ୍ତୁନାହାନ୍ତି ।

ସେନେଟର୍—କହି ପାରିବ ନାହିଁ ବୋଲି ଭାବନ୍ତୁ ନାହିଁ । ତାଙ୍କୁ ଭାବୁଛି ଏତେ ଲୋକଙ୍କ ଆଗରେ ସତ କଥାଟା କହିଲେ, ଆପଣଙ୍କ ଅଭିଯୋଗଟା ଆହୁରି ଗୁରୁତର ଆକାର ଧାରଣ କରିବ ।

ସୁଚନା—ଆପଣ କହି ପାରନ୍ତି । I am prepared for the worst. ସବୁଥିକୁ ମୁଁ ପ୍ରସ୍ତୁତ ଅଛି ।

ସେନେଟର୍—ଆପଣଙ୍କୁ ଯେତେବେଳେ ପାର୍ଟ ନେବାପାଇଁ ମୁଁ ନିଜେ ଯାଇ ଅନୁରୋଧ କରିଥିଲି, ଆପଣଙ୍କ ସର୍ତ୍ତ କ'ଣ ଥିଲା କୁହନ୍ତୁ ?

ସୁଚନା—ଆପଣ ତ କହୁଛନ୍ତି, ଆଉ କହି ଯାଆନ୍ତୁ ।

ସେନେଟର୍—ଆପଣଙ୍କର ସର୍ତ୍ତ ନ ଥିଲା କି, ଉଦୟବାବୁ ସେହି ପ୍ରଧାନ ଚରିତ୍ର ଭୂମିକାରେ ଅଂଶ ଗ୍ରହଣ କରିବେ । ତାଙ୍କର Opposite roleଟା ଯେପରି ଆପଣଙ୍କୁ ଦିଆଯାଏ—ତାପରେ ହଠାତ୍ ଉଦୟବାବୁ ଯେତେବେଳେ କଣ୍ଟ୍ରାକ୍ଟ ପାଇଁ ତାଙ୍କ ବନ୍ଧୁଙ୍କର ରୁଗ୍ଣା ଭଉଣୀଟିକୁ ଦେଖିବାପାଇଁ ସମସ୍ତଙ୍କର ଅନୁରୋଧକୁ ଏଡ଼ାଇ ଦେଇ ବାହାରିଲେ, ସେତେବେଳେ କ'ଣ ଆପଣ ଚିଠି ଲେଖି ଆପଣଙ୍କ ପାର୍ଟଟା ଫେରାଇ ଦେଇ ନ ଥିଲେ—ସେ ଏବି ଚିଠିରେ କ'ଣ ଆପଣ ଲେଖି ନ ଥିଲେ,

Digitized by srujanika@gmail.com

ଉଦୟବାବୁ ଯଦି ଏଥର ଡ୍ରାମାରେ ଅଂଶ ଗ୍ରହଣ ନ କରିବେ ତେବେ ଡ୍ରାମା ବନ୍ଦ କରି ଦେବାପାଇଁ ।

ସୁଚରିତା—ଆପଣଙ୍କ କଥାଗୁଡ଼ିକ ନିରାଟ ସତ୍ୟ; କିନ୍ତୁ ତାର ଉଦ୍ଦେଶ୍ୟ ଥିଲା ଭିନ୍ନ ।

ସେକ୍ରେଟାରୀ—ଆମେ ଠିକ୍ ଲକ୍ଷ୍ୟ କରିଥିଲୁ କଲେଜରେ ପାଠ ପଢ଼ାରେ ଆପଣ ଦୁହେଁ ଯେପରି compete କରୁଥିଲେ, ହୁଏତ ଅଭିନୟରେ ମଧ୍ୟ ସେ ପ୍ରକାର compete କରି-ଥାନ୍ତେ । ଫଳରେ ଆମର ନାଟକ ସର୍ବାଙ୍ଗ ସୁନ୍ଦର ହୋଇ-ଥାନ୍ତା । କିନ୍ତୁ ନିୟତିର ଦୁର୍ବାର—ତା'ର କାମ ସେ ଠିକ୍ କରି ଗ୍ଲଲିଲ—ଉଦୟବାବୁଙ୍କୁ ନେଇଗଲା କେଉଁ ସୁଦୂର ପଲ୍ଲୀ ଅଞ୍ଚଳକୁ—ଆଉ ଆମର ସୁଚରିତା ଦେବୀଙ୍କୁ ଛାଡ଼ିଗଲା ଏଠି ଏକା । compete କରିବାର ମଣିଷଟିକୁ ପାଖରେ ନ ପାଇ, ସବୁ ଦୋଷ ଢାଳି ଦେବାକୁ ବସିଛନ୍ତି ଆମର ମାନେଜମେଣ୍ଟ୍ ଉପରେ ।

ସୁଚରିତା—ଆପଣ ଜଣେ ଭଲ ଅଭିନେତା ହିସାବରେ ପୂର୍ବରୁ ଏହି ଷ୍ଟେଜ୍‌ରେ ଖ୍ୟାତି ଅର୍ଜନ କରିଛନ୍ତି—ସେଥିପାଇଁ ହୁଏତ ଆପଣଙ୍କୁ ସେକ୍ରେଟାରୀ ହିସାବରେ student ମାନେ ଭୋଟ ଦେଇଛନ୍ତି—ଆଉ ତାହାର ବେଶୀ ପରିଚୟ ନ ଦେଲେ ବୋଧହୁଏ ଭଲ ହୁଅନ୍ତା ।

ସେକ୍ରେଟାରୀ—ପରିଚୟ ଦେବାର ଆଉ ଦରକାର ପଡୁନି ସୁଚରିତା ଦେବି ! ଆମମାନଙ୍କର Indiscipline ମାନେ ବିଶୃଙ୍ଖଳା; unmannerliness ମାନେ ଅଭଦ୍ରାମିର

Digitized by srujanika@gmail.com

ଯେଉଁ ବରାଟ ଭୂମିକା ଦର୍ଶକମାନଙ୍କ ଆଗରେ ଦେଖାଇ ସାରଲେଣି, ତା'ର ଶେଷ ପରିଣତିଟା କ'ଣ, ମୁଁ ସେଇକଥା ଭାବୁଛି ।

ସୁଚନା—ଦେଖନ୍ତୁ, ଭାବନାଟା ଯଦି ଏ ପର୍ଯ୍ୟନ୍ତ ଆପଣଙ୍କର କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଆଡ଼କୁ ଗତି କରିନାହିଁ; ତାହାଲେ ଏତେଗୁଡ଼ିଏ ଭଦ୍ରଲୋକ ଓ ଭଦ୍ର ମହିଳାମାନଙ୍କୁ ଅଯଥାରେ ଅଟକାଇ ନ ରଖି, ଲାଇଟ୍ ଅଫ୍ କରି ଏାକ୍ସ ଷ୍ଟେଜରେ ଆପଣ ବସି ଭାବନ୍ତୁ ଯଦି କିଛି ସ୍ଥିର କରି ପାରିବେ ।

ସେକ୍ରେଟାରୀ—It is not a joke ସୁଚନା ଦେବୀ । କଥାଟାକୁ ଆପଣ Seriously ଭାବନ୍ତୁ । ମୋର ଅପମାନଟାକୁ ଆପଣ ନିଜର ଅପମାନ ବୋଲି ଜ୍ଞାନ କରନ୍ତୁ । ସେକ୍ରେଟାରୀ ନିର୍ବାଚନ ବେଳେ ଆପଣ ନିଶ୍ଚୟ ଆପଣଙ୍କ ଭୋଟଟା ମୋ ସପକ୍ଷରେ ଦେଇଛନ୍ତି । ଅନ୍ତତଃ ଆପଣଙ୍କର ଜଣେ ସମର୍ଥକଙ୍କୁ ଏ ବିପଦରୁ ଉଦ୍ଧାର କରିବା ପାଇଁ କିଛି ଉପାୟ ଆବିଷ୍କାର କରନ୍ତୁ ।

ସୁଚନା—ସେ ଉପାୟ ମୁଁ ଅନେକବେଳୁ ଉଦ୍ଭାବନ କରି ବସିଛି...... ।

ସେକ୍ରେଟାରୀ—Then who are you silent ? Tell me please. ନୀରବ କାହିଁକି, କୁହନ୍ତୁ ନା କ'ଣ କରାଯିବ ?

ସୁଚନା—But you are slow to accept it—ତୁମେ ତାକୁ ଗ୍ରହଣ କରିବାକୁ କୁଣ୍ଠିତ ନ ହେଲେ ହେଲା ।

Digitized by srujanika@gmail.com

ସେକ୍ରେଟାରୀ—Oh ; I am ever ready. ସବୁବେଳେ ପ୍ରସ୍ତୁତ ।

ସୁଚନ୍ଦା—ମୋ ମତରେ ଏସବୁ ପ୍ରହସନ ବନ୍ଦ କରି, ବଣ୍ଟା ଲୋକଙ୍କ ଘରକୁ ଯାନ୍ତୁ--ଆପଣଙ୍କ ବାହାଦୁରୀ ଜଣାଗଲାଣି······ ।

(ପ୍ରସ୍ଥାନ ଉଦ୍ୟତ)

ସେକ୍ରେଟାରୀ—ତା ମାନେ ଆପଣ ପ୍ରସ୍ତାବ ଆଗତ କରିବା ସାଙ୍ଗେ ସାଙ୍ଗେ ଅନୁମୋଦନ ନ ହେଉଣୁ, କାର୍ଯ୍ୟକାରୀ କରିବାକୁ ଉଦ୍ୟତ ହୋଇ ପଡ଼ିଲେଣି ନା କ'ଣ ?

ସୁଚନ୍ଦା—ନା, ଗ୍ରୀନ୍ ରୁମ୍‌ରେ ବସି ମୁଁ ଧୈର୍ଯ୍ୟର ସହିତ ଲକ୍ଷ୍ୟ କରୁଛି ଆପଣଙ୍କର ଏହି ପ୍ରହସନର ଗଡ଼ିଟା କେଉଁ ଆଡ଼କୁ । (ପ୍ରସ୍ଥାନ)

ସେକ୍ରେଟାରୀ—ଦେଖନ୍ତୁ; ଆପଣମାନେ ବିଚାର କରନ୍ତୁ । ଏ ପ୍ରକାର ମନୋବୃତ୍ତି ନେଇ ମଣିଷ କୌଣସି କାର୍ଯ୍ୟରେ କ'ଣ ଆଗେଇ ପାରେ ? ଦୈବ ଦୁର୍ଘଟଣା—ସେଥିରେ ମଣିଷର ହାତ କ'ଣ ଅଛି ? ବରଂ ଗୌରବ ଅଛି, ଦୁର୍ଘଟଣାର ସମ୍ମୁଖୀନ ହୋଇ, ସେଥିରୁ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେବା । ମୋର କଥା ଉପରେ ହୁଏତ ଆପଣମାନଙ୍କର cent percent ଆସ୍ଥା ଅଛି, କିନ୍ତୁ ଆମରି ଭିତର ଲୋକଙ୍କର ନାହିଁ । ଦେଖିଲେ ତ ଗୋଟିଏ ନମୁନା । ସହଯୋଗ କରିବା ଦୂରେ ଥାଉ ବରଂ ଅନ୍ତରାଳରେ ବସି, ଗୁଳୁଛନ୍ତି କେତେ ପ୍ରକାର ସମାଲୋଚନା । ଏ ସବୁ ଲକ୍ଷଣର ସୂଚନା ମୁଁ ଆଗରୁ ପାଇଥିବାରୁ ସେକ୍ରେଟାରୀ ହେବାକୁ ମୋଟେ ରାଜି ନଥିଲି ।

Digitized by srujanika@gmail.com

ଗୁ' ଜଳଖିଆ ତ ଦୂରର କଥା, ମୁଁ ତାହାକୁ ପାନ ଖିଲେ, ଖଣ୍ଡେ ସିଗାରେଟ କମ୍ବା ବଡ଼ ପର୍ଯ୍ୟନ୍ତ ଯାଚ ନାହିଁ । ମୋତେ ଏବେ କ ମୁସ୍କିଲରେ ଏମାନେ ପକାଇଲେ ।

(ମ୍ୟାନେଜରର ଅନ୍ତରାଳରୁ)

ମ୍ୟାନେଜର—ସେକ୍ରେଟାରୀ ବାବୁ !

ସେକ୍ରେଟାରୀ—ଆଜ୍ଞ ସେକ୍ରେଟାରୀ ବାବୁ ! !

ମ୍ୟାନେଜର—ଗୋଟାଏ ଖବର ମିଳିଛି ସେକ୍ରେଟାରୀ ବାବୁ···

ସେକ୍ରେଟାରୀ—କଏ ମ୍ୟାନେଜର ବାବୁ ! କ ଖବର ସେଇଟା ଆପଣଙ୍କର, ଏଠିକି ଆସି ଶୁଣାନ୍ତୁ ନା । ଓଃ—ଡ୍ରେସ୍ କଥା କହୁଛନ୍ତି ମ୍ୟାନେଜର ଡ୍ରେସ୍‌ଟା ତ ଆପଣଙ୍କର ବେଶ ସାଜୁଛି—ମାନେ ଚେହେରା ଦେଖିଲେ, ଦର୍ଶକମାନଙ୍କୁ ପରିଚୟ କରାଇ ଦେବା ପାଇଁ ଅଧିକା ସମୟ ନେବାକୁ ମୋଟେ ଆବଶ୍ୟକ ପଡ଼ିବ ନାହିଁ ।

ମ୍ୟାନେଜର—(ଅନ୍ତରାଳରୁ) ଏଇ ବେଶରେ ଯିବ ?

ସେକ୍ରେଟାରୀ—ଆସ ଆସ—ତୁମ ଖବରଟା ଶୁଣିବାକୁ ସମସ୍ତେ ଯେତେ ଉଦ୍‌ବିଗ୍ନ, ତୁମ ଚେହେରା ପ୍ରତି କାହାର ନଜର ପଡିବନ ।

ମ୍ୟାନେଜର—ପ୍ରବେଶ କର ଜନତା ଏକ୍‌ସପ୍ରେସ ସେକ୍ରେଟାରୀ ବାବୁ ।

ସେକ୍ରେଟାରୀ—ତା'ର ପାଇଁ ତ ଏ ପର୍ଯ୍ୟନ୍ତ ଉପ୍ ଉଠାଇ ପାରିଲୁ ନାହିଁ; ଆଉ ପୁଣି ଥରେ ସେ ନାଁ ଶୁଣାଇ ଲଭ ?

Digitized by srujanika@gmail.com

ମ୍ୟାନେଜର – Rescue train.

ସେକ୍ରେଟାରୀ – Rescue train ଯିବାର ଦର୍କାର ପଡ଼ୁଛି – କଣ୍ଟୁ emergency notiee prinicipalଙ୍କ ପାଖକୁ ଆସିଛି ?

ମ୍ୟାନେଜର – ସେ କଥା ତ କହି ପାରିବିନି ।

ସେକ୍ରେଟାରୀ – ଆଉ କେଉଁ କଥା କହିବାକୁ ଆସିଲ ? ବରଂ ଯାଅ Principalଙ୍କୁ କହି ଗୋଟାଏ ଡାକ୍ତର ଦଳ rescue trainରେ ପଠେଇବାର ବ୍ୟବସ୍ଥା କରିଦିଅ । ଦେଖ, ସେଥିରେ ଯେପରି ତୁମର ସେକ୍ରେଟରୀ ନାଁ ଟା ଦେଇଥିବ । ତା'ହେଲେ ଗୋଟାଏ emergency no national emergencyର ଦୋହାଇ ଦେଇ ଅନ୍ତତଃ ଆଜିକାର ସୋ'ଟା ବନ୍ଦ ରଖିବାର ଗୋଟିଏ ଯୁକ୍ତିଯୁକ୍ତ କାରଣ ପାଇଯିବା ।

ମ୍ୟାନେଜର – କନ୍ତୁ ଖବର ଆସିଛି ସେକ୍ରେଟାରୀ ବାବୁ, ଟ୍ରେନଟା କଟକ ଷ୍ଟେସନରେ ଆସି ପହଞ୍ଚିଲାଣି ।

ସେକ୍ରେଟାରୀ – ତାହେଲେ କାହାକୁ ଜଣକୁ ଷ୍ଟେସନକୁ ପଠାନ୍ତୁ ମ୍ୟାନେଜର ବାବୁ, ହୁଏତ ଉଡସ୍ତ ବାବୁ ସେଥିରେ ଆସି ଥାଇ ପାରନ୍ତି ।

ମ୍ୟାନେଜର – ସେଥିପାଇଁ ପ୍ରଫେସର ଦାସ ଆପଣଙ୍କୁ ଭିତରକୁ ଡାକୁଛନ୍ତି । ଅନ୍ୟ arrangement ନ ହେଲା ପର୍ଯ୍ୟନ୍ତ audienceଙ୍କୁ engage ରଖିବା ପାଇଁ କେତେ ଗୋଟି ନାଚ ଗୀତର ବ୍ୟବସ୍ଥା କରିବା ପାଇଁ ।

Digitized by srujanika@gmail.com

ସେକ୍ରେଟାରୀ—The idea—ମ୍ୟାନେଜର the idea. That's like an able manager of an able Secretary,

ଆଚ୍ଛା, ଯାଅ ତୁମେ ଭିତରକୁ, ଯାଅ—ମୁଁ ତୁମ ପଛେ ପଛେ ଗଲିଲି । (ମ୍ୟାନେଜରର ପ୍ରସ୍ଥାନ)

Now Ladies and gentlemen, ମୁହୂର୍ତ୍ତିକ ପୂର୍ବରୁ ଆମର ମ୍ୟାନେଜରବାବୁ ଆପଣଙ୍କୁ ଯେଉଁ ଖବର ଶୁଣାଇଲେ, ସେଥିରେ ଆପଣଙ୍କ ମନରେ ହତାଶ ମେଘର ଘନଘଟା ଭିତରେ କିଞ୍ଚିତ୍ ଆଶାର ତାରା ଉଙ୍କି ମାରିବଣି । ଆମର ଉଦୟବାବୁ ଯଦି ଆସିଥାନ୍ତି, ଆପଣମାନଙ୍କ ସଦିଚ୍ଛା ବଳରେ ମୁଁ ରଙ୍ଗମଞ୍ଚରେ ପୁନେଇ ଜ୍ୟୋତ୍ସ୍ନାର ଲହରୀ ଖେଳାଇ ଦେବି—ଆଉ ମାତ୍ର କେତୋଟି ମିନିଟ୍ ପାଇଁ ଆପଣଙ୍କ ଧୈର୍ଯ୍ୟ ଓ ସହାନୁଭୂତି ଭିକ୍ଷା କରୁଛି···

Thank you everybody.

(ପଟ୍ଟପରିବର୍ତ୍ତନ)

Digitized by srujanika@gmail.com

ଦୃଶ୍ୟାନ୍ତର

□

(ବିଭିନ୍ନ ନୃତ୍ୟ ଗୀତର ବ୍ୟବସ୍ଥା ପରେ)

ଘୋଷିକା—ଉପସ୍ଥିତ ଭଦ୍ରମହିଳା ଓ ମହୋଦୟଗଣ ! ଆପଣମାନେ ପୁନର୍ବାର ମୋର ଏହି ରଙ୍ଗମଞ୍ଚରେ ଆବିର୍ଭାବରେ ହୁଏତ ଭଲପାଉ ନ ଥିବେ । ମୁଁ ମଧ୍ୟ ଗୃହୁଁ ନାହିଁ ଉଦୟବାବୁ ଓ ଆପଣମାନଙ୍କ ମଧ୍ୟରେ ବେଶୀ ସମୟ ପ୍ରାଚୀର ରୂପେ ଠିଆହୋଇ ରହିବାକୁ । କିଛିକ୍ଷଣ ପୂର୍ବରୁ ଆପଣମାନଙ୍କ ମନରେ ଯେଉଁ ଆଶଙ୍କା ଜନ୍ମିଥିଲା ତା ହୁଏତ ଅଳ୍ପ ସମୟ ମଧ୍ୟରେ ଦୂର ହୋଇଯିବ । ଉଦୟ ବାବୁଙ୍କର ସହସା ଅନୁପସ୍ଥିତି ଫଳରେ ଯେଉଁ ଅଶୋଭନୀୟ ପରିସ୍ଥିତିର ସୃଷ୍ଟି ହୋଇଥିଲା ସେଥିପାଇଁ, ସେ ଏକା କାହିଁକି, ଆମମାନଙ୍କୁ ମଧ୍ୟ ଆପଣମାନେ କ୍ଷମା ଦେଇଥାନ୍ତେ କି ନାହିଁ ସେ ବିଷୟରେ ସନ୍ଦେହ ଥିଲା ! କିନ୍ତୁ ବର୍ତ୍ତମାନ ଆପଣମାନେ ମୋଠାରୁ ଯେତେବେଳେ ଶୁଣିବେ କେଉଁ ଅବସ୍ଥାରେ ପଡ଼ି ତାଙ୍କର ପହଞ୍ଚିବାରେ ବିଳମ୍ବ ଘଟିଲା, ତାହେଲେ, ଆପଣଙ୍କ ମଧ୍ୟରୁ କେତେକ ଅପ୍ରକାଶ୍ୟ ଭାବେ ଓ ଆପଣମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ପ୍ରକାଶ୍ୟ ଭାବେ,ଉଦୟବାବୁଙ୍କ ପୂର୍ବରୁ ତାଙ୍କର ଦାୟିତ୍ୱ-ହୀନତା ନେଇ ଯେତେଗୁଡ଼ିଏ ବିଶେଷଣ ଯୋଗ କରିଥିଲେ, ସେଗୁଡ଼ିକୁ ସସମ୍ମାନେ ପ୍ରତ୍ୟାହାର କରିନେବେ ।

(ସୁଚରିତା ପ୍ରବେଶ କଲେ)

Digitized by srujanika@gmail.com

ସୁଚନା—ତା ପୂର୍ବରୁ କୁହନ୍ତୁ ଆପଣଙ୍କ ଉଦ୍ଦେଶ୍ୟଟି କ'ଣ ?

ସେକ୍ରେଟାରୀ—ଏ ପର୍ଯ୍ୟନ୍ତ ଆପଣ ତାକୁ ଠାବ କରିପାରିନାହାନ୍ତି ?

ସୁଚନା—ସେ ହନୁମାନର ଶକ୍ତି ଆମଠାରେ ନାହିଁ—ବରଂ ଆପଣଙ୍କ ଚେହେରାଟା··· (ହସିବା)

ସେକ୍ରେଟାରୀ—ଆଃ ଏମିତି ହସନ୍ତୁ ନାହିଁ ସୁଚନା ଦେବୀ ! ତାହେଲେ ଦର୍ଶକମାନେ କଥାଟାକୁ ବଡ଼ ହାଲୁକା ଭାବରେ ଗ୍ରହଣ କରିବେ । ତାହେଲେ ଆମ ଡ୍ରାମାର ଓଜନ କମିଯିବ ।

ସୁଚନା—Allright. ମୁଁ ବର୍ତ୍ତମାନ ଆପଣଙ୍କୁ ବଡ଼ Serious ଭାବରେ··· I mean with all seriousness ପଚାରୁଛି, ଆପଣଙ୍କ ଉଦ୍ଦେଶ୍ୟଟି କେଉଁ ଅଶୋକ କାନନରେ ଅସୁର-ଅସୁରୀମାନଙ୍କ ମଧ୍ୟରେ ଅସ୍ତମିତ ହୋଇଛନ୍ତି; ରାମଭକ୍ତ ହନୁମାନ ସାଜି ତାଙ୍କୁ ସମସ୍ତଙ୍କ ଆଗକୁ ଆଣନ୍ତୁ ।

ସେକ୍ରେଟାରୀ—Muder—Muder କଲ ସୁଚନା ଦେବୀ !

ସୁଚନା—ମାନେ ?

ସେକ୍ରେଟାରୀ-ମାନେ ମର୍ଡ଼ର । ଖତମତ ମର୍ଡ଼ର୍ । ଭାଗ୍ୟକୁ ଆମେ ଆଜି ଆଉ ହନୁମାନ ପୌରାଣିକ ନାଟକ ପ୍ଲେ କରୁନାହୁଁ—ନଚେତ୍ ରୀତିମତ ବର୍ତ୍ତମାନ ଦର୍ଶକ ମାନଙ୍କ ମଧ୍ୟରୁ ଚିତ୍କାର ଶୁଭୁଥାନ୍ତା —"ମର୍ଡ଼ର, ମର୍ଡ଼ର" ।

ସୁଚନା—ବେଶ୍ ଭଲହେଲା—ଆଜିକାର ପ୍ଲେ କଥା କ'ଣ ହେବ କୁହନ୍ତୁ, ନଚେତ୍ ଆମମାନଙ୍କର ଆଉ ଧୈର୍ଯ୍ୟ ନାହିଁ ।

Digitized by srujanika@gmail.com

ସେକ୍ରେଟାରୀ—ତଥାପି ମୁଁ କହିବି ଧୈର୍ଯ୍ୟ ଧରୁ, ମାନେ have patience. ହନୁମାନର ଚେହେରା ସାଙ୍ଗେ ମୋର ମେକଅପ୍‌ରେ ଯେଉଁ ଶରୀ ସାମଞ୍ଜସ୍ୟ ତୁମେ ଦେଖି ପାରିଚ । ବର୍ତ୍ତମାନ ଲକ୍ଷ୍ୟକର ମୁଁ ସେହି ହନୁମାନ roleଟା successfully display କରିପାରୁଚି କି ନା···

ଦେଖନ୍ତୁ ଆପଣମାନେ—ସୂଚନା ଦେବୀ ରାମାୟଣର ଅବତାରଣା କରିବାକୁ ଯାଇ ଯେଉଁ ଭୁଲ କଲେ, ତାହା ମୁଁ detect କରାଇଦେବାରୁ ମୋ ଉପରେ କ୍ଷୁବ୍ଧ ହେଉଚନ୍ତି ଆପଣମାନେ କହନ୍ତୁ ନା ହନୁମାନ କେବେ ଅସୁରପୁରୀ ମଧ୍ୟରୁ କାହାକୁ ଉଦ୍ଧାର କରି ଆଣିଥିଲେ ? ନା; ଆପଣମାନଙ୍କର ମନେଥିବ, ସେ କେବଳ ଆଣିଥିଲେ ଗୋଟିଏ ମାତ୍ର ସଙ୍କେତ । ଅଶୋକ କାନନର ଅସୁରପୁରୀ ମଧ୍ୟରୁ ମୁଁ ମଧ୍ୟ ଆପଣମାନଙ୍କ ପାଖକୁ ବର୍ତ୍ତମାନ ସେହି ପ୍ରକାରେ ନେଇ ଆସିଚି ଗୋଟିଏ ସଙ୍କେତ—

(ପକେଟରୁ ଗୋଟିଏ ଚିଠି ବାହାର କରି ଦେଖାଇବା)

ସୂଚନା—ଦେଖି ଆପଣଙ୍କର ସଙ୍କେତଟି···

ସେକ୍ରେଟାରୀ—ସ୍ୱଚ୍ଛନ୍ଦରେ—(ଚିଠିଟି ବଢ଼ାଇ ଦେଇ), ଆହା, ଏକା ଏକା ନୁହେଁ······ସମସ୍ତେ ଉତ୍ସୁକ ମନରେ ଚାହିଁ ରହିଛନ୍ତି ଆପଣଙ୍କ ଆଡ଼େ । ପଢ଼ନ୍ତୁ, ବଡ଼ ପାଟିରେ ପଢ଼ନ୍ତୁ—ଚିଠିଟି ଆସିଚି କେଉଁଠୁ ?

ସୂଚନା—"ଅଶୋକ କାନନ" ।

Digitized by srujanika@gmail.com

ସେକ୍ରେଟାରୀ—ବେଶ୍ ବେଶ୍—ହସ୍ତାକ୍ଷରରୁ ବୁଝିପାରୁଥିବ ଲେଖାଟି କାହାର ?

ସୂଚନା—ଉଦୟବାବୁଙ୍କର—

ସେକ୍ରେଟାରୀ—yes, yes, ବହୁ ପରିଚିତ ହାତଲେଖା—ଏଥିରେ ଭମର କେବେ ଭୁଲ ହେବନି···

ସୂଚନା—ତେବେ ଆପଣ ବର୍ତ୍ତମାନ ଠିକ୍ କରି କୁହନ୍ତୁ ଉଦୟବାବୁ ଆସିଚନ୍ତି ନା ତାଙ୍କର ଏହି ଚିଠି ଟିକି ।

ସେକ୍ରେଟାରୀ—ଏ ସାମାନ୍ୟ ଚିଠି ନୁହେଁ ସୂଚନା ଦେବୀ, ଏତେବଡ଼ ଭଗ୍ନାବସ୍ଥ ଜନତା ଏକସ୍‌ପ୍ରେସ୍ ଦୁର୍ଘଟଣାରୁ ରକ୍ଷାପାଇ, ଅକ୍ଷତ ଅବସ୍ଥାରେ ଯେ ସେ ଏ ପର୍ଯ୍ୟନ୍ତ ଆସିଯାଇଚି, ତାହା କ'ଣ ଇତିହାସର ବିଷୟ ହେବା ଉଚିତ ନୁହେଁ—

ସୂଚନା—ଏଠି ଐତିହାସିକ କେହି ନାହାନ୍ତି, ସମସ୍ତେ ନାଟକ ଦର୍ଶକ ହିସାବରେ ଉପସ୍ଥିତ ଅଛନ୍ତି । ଆପଣ ଉଦୟ ବାବୁଙ୍କ ବିଷୟରେ ସଠିକ ଖବର ଶୁଣାଇଲେ ସମସ୍ତେ ଆପ୍ୟାୟିତ ହେବେ ।

ସେକ୍ରେଟାରୀ—ସବୁ ଖବର ତ ଆପଣଙ୍କ ହାତରେ, ମୁଁ କମିତି ଶୁଣାଇବି ?

ସୂଚନା—(ଚିଠିକୁ ଲକ୍ଷ୍ୟକରି) ଦେଖୁ ନାହାନ୍ତି, ଏବେ ବି ସେ ଅସୁରପୁରୀରେ ଅଶୋକ କାନନ ମଧ୍ୟରେ ବନ୍ଦୀ—

(ମଞ୍ଚ ଅନ୍ଧକାର ହେଲ)

Digitized by srujanika@gmail.com

ଦୃଶ୍ୟାନ୍ତର

□

[ମଞ୍ଚ ଆଲୋକିତ ହେଲାବେଳେ ଦେଖାଗଲେ ଭିକାନ୍ନ ବେଶଭୂଷାରେ ବସିଛନ୍ତି କେତେ ଗୁଡ଼ିଏ ଚିକିତ୍ସକ, ବୈଦ୍ୟ ଶିରୋମଣି ପ୍ରହରାଜ, (ତାନ୍ତ୍ରିକ), ଗୁଣିଆସିଂହ ହଟମନ୍ତ୍ରୀ ପବନ କୁମାର । କିଛିକ୍ଷଣ ପରେ ପ୍ରବେଶ କଲେ ଅଶୋକ ଓ ଉଦୟ]

ଅଶୋକ—ବର୍ତ୍ତମାନ ତୁମେ ବୁଝିପାରୁଚ ସାଧନାର ପ୍ରାଣରକ୍ଷା ପାଇଁ ମୁଁ କୌଣସି ପ୍ରକାର ତ୍ରୁଟିକରି ନାହିଁ ଦେଶର । ଯେଉଁ ସ୍ଥାନରେ ଯେ ପ୍ରକାର ଚିକିତ୍ସକ ପ୍ରସିଦ୍ଧିଲାଭ କରିଛନ୍ତି ସମସ୍ତଙ୍କୁ ଅଣାଇ ଚିକିତ୍ସାର ବ୍ୟବସ୍ଥା କରାଇଲି, କିନ୍ତୁ ନିଜ ଆଖିରେ ଦେଖିଲ ତ ! ଏ ପର୍ଯ୍ୟନ୍ତ କୌଣସି ପ୍ରକାର ପରିବର୍ତ୍ତନ ଘଟିନାହିଁ ।

ଉଦୟ—ତମର ତ ସବୁ ବିଷୟରେ ବଡ଼ ଅଜବ ଧାରଣା ଅଶୋକବାବୁ । ଏମାନଙ୍କୁ ଦେଖିଲେ ମୋର ତ ହୃତ୍କମ୍ପ ହେଉଛି ଆଉ ସାଧନା ଏକେତ ନାରୀ, ତାପରେ ରୁଗଣା; ତାର ଅବସ୍ଥା କଣ ହେଉଥିବ ମୁଁ ବେଶ ଅନୁମାନ କରିପାରୁଛି ।

ଅଶୋକ—ଏକ ଦିଗଦର୍ଶୀ ହୁଅନାହିଁ ଉଦୟ, ସବୁ ବିଦ୍ୟା ପ୍ରତି ସମ୍ମାନ ଦେଖାଇବା ଉଚିତ । ଓଃ, ଏ ପର୍ଯ୍ୟନ୍ତ ପରା ତୁମର ଏମାନଙ୍କ ସହିତ ପରିଚୟ ହୋଇନାହିଁ ।

Digitized by srujanika@gmail.com

ଉଦୟ—ଖାଲି ଚରିତ୍ର ହେଲେ ଚଳିବ ନାହିଁ । ରୋଗୀ ବିଷୟରେ ଏନ୍ତ ବଙ୍ଗ ଚିକିତ୍ସକମାନଙ୍କର ମତାମତ ମଧ୍ୟ ଗ୍ରହଣ କରିବାକୁ ମୁଁ ପ୍ରସ୍ତୁତ ଅଛି ।

ଅଶୋକ—ବେଶ୍ ! ସେ' ହେଉଛନ୍ତି ଏ ଅଞ୍ଚଳର ସୁନାମଧନ୍ୟ ଚିକିତ୍ସକ—

ବୈଦ୍ୟ—ବୈଦ୍ୟ ଶିରୋମଣି ଉପାଧିଧାରୀ—ରାଜା ମହାରାଜା-ମାନଙ୍କର ଉଚ୍ଚ ପ୍ରଶଂସିତ ସାର୍ଟିଫିକେଟ୍‌ମାନ ମୋ ପାଖରେ ଗଚ୍ଛିତ ଅଛି । ଇଚ୍ଛାକଲେ ଦେଖିପାରନ୍ତି (ଗୋଟିଏ ସାର୍ଟିଫିକେଟ୍ ବସ୍ତାନି ଦେଖାଇବା) ଅନ୍ୟରୋଗ ଅପେକ୍ଷା ରାଜା ମହାରାଜାଙ୍କର ଅନ୍ଦର ମହଲରେ ସ୍ତ୍ରୀ ମାନଙ୍କର ରୋଗ ଚିକିତ୍ସା କରିବାରେ ମୋର ଏପରି ପାରଦର୍ଶିତା ଥିଲି ଯେ, ରାଣୀ ମହାରାଣୀମାନଙ୍କର ମଟର ଗାଡ଼ି ସର୍ବଦା ଆମ ଦୁଆରେ ଠିଆ ହୋଇଥାଏ ।

ଅଶୋକ—ସେଥିପାଇଁ ସାଧନାର ରୋଗର ନିଦାନଟା ଏ ମହାଶୟ ଠିକ୍ କରି ପାରିବେ ବୋଲି ମୋର ପୂର୍ଣ୍ଣ ଭରସା ଥିଲା । କିନ୍ତୁ ଏ ମହାଶୟ ମଧ୍ୟ ମୋତେ ହତାଶ କରିଛନ୍ତି । ଆଉ ସେ ହେଉଛନ୍ତି—ପ୍ରହରାଜ ମହାଶୟ, ଏ ଅଞ୍ଚଳର ଜଣେ ପ୍ରଧାନ ଗୁଣିଆ । ଯନ୍ତ୍ର, ତନ୍ତ୍ର, ସବୁଥିରେ ସେ ପ୍ରବୀଣ ।

ପ୍ରହରାଜ—ବଗଳା, ଅପରାଜିତା, ସୂର୍ଯ୍ୟସ୍ତବ, ବିନାୟକ, ମହାମୃତ୍ୟୁଞ୍ଜୟଆଦି ଦଶ ମହାବିଦ୍ୟାକୁ ମୁଁ ଅନାୟାସେ ଆୟତ୍ତ କରି, ମହା ମହା ବ୍ୟାଧିମାନ ଫୁତ୍କର ମନ୍ତ୍ର-ସାହାଯ୍ୟରେ ଉଡ଼ାଇ ଦେଇପାରେ ।

Digitized by srujanika@gmail.com

ଉଦୟ—ଏତେ ଏତେ ବର୍ଷ, ମହା ବିଦ୍ୟାମାନ ପ୍ରୟୋଗ କରି ମଧ୍ଯ ସାଧନାର କିଛି ଉପକାର ହେଲାନାହିଁ ।

ଅଶୋକ—ସେ ମୋ ଭାଗ୍ୟ । ସାଧନାର ପୂର୍ବଜନ୍ମର କର୍ମଫଳ; ସେ ମହାଶୟ ହେଉଛନ୍ତି ଗୁଣିଆସିଂହ — ପ୍ରଧାନ ତାନ୍ତ୍ରିକ ।

ଗୁଣିଆସିଂହ—କାମାକ୍ଷ୍ୟା ଦେଶରୁ ବହୁ କଷ୍ଟରେ ସ୍ୱୟଂ ନଚେଇ ଧୋବଣୀ ପିଚେଇ ବାଉଲଣୀଠାରୁ, ବିଦ୍ୟାଲାଭ କରି ତାର ପରାକାଷ୍ଠା । ଏହି ଲୋକମାନଂକୁ ଦେଖେଇ ଦେଇଚି-ଏପାଖର ଗଛ ସେ ପାଖକୁ ଶୂନ୍ୟେ ଶୂନ୍ୟେ ଚଳେଇ ଦେଇଚି; କିନ୍ତୁ ଗୁରୁଙ୍କ ବାରଣ ଥିବାରୁ ଏ ପ୍ରକାର ସ୍ତ୍ରୀଲୋକଙ୍କ ଅଙ୍ଗସ୍ପର୍ଶ କରିବ ନାହିଁ । ତେଣୁ ରୋଗଟା କିଛି ଭୋଗ ହେବ ।

ଅଶୋକ—ତଥାପି ଏ ମହାଶୟ ରୋଗୀକୁ ସ୍ପର୍ଶ ନକରି ମନ୍ତ୍ର ପ୍ରୟୋଗ କରିଥିଲେ ।

ଉଦୟ—ମନ୍ତ୍ରୀ । କମିତି ମନ୍ତ୍ର ?

ହଟମନ୍ତ୍ରୀ— (ଫୁଲ ଦୁଇଟା ପକାଇ) ବିଧ୍ୱଂସୟ-ବିଧ୍ୱଂସୟ-ନଶୟ ନଶୟ, ବିଦ୍ରାବୟ, ବିଦ୍ରାବୟ, ହନହନ, ଦହଦହ, ମଥ ମଥ, ଦ୍ରାବଡ଼ୀ ଦ୍ରାବଡ଼ୀ, ଶବଶ୍ରୀ କରାଳିନୀ ବିଧ୍ୱଂସୟ ବିଧ୍ୱଂସୟ—ଛୁଡ଼ ଛୁଡ଼ ବୋଲି ମୋହର ଆଜ୍ଞା, •ଏ ଅଙ୍ଗ ଛୁଡ଼ ଅନ୍ୟ ଅଙ୍ଗ ଯା— ଫୁଟ୍ ଫୁଟ୍ ଫୁଟ୍—ଏ ଝୋ ଗୁରୁର କୋଟି କୋଟି ଆଜ୍ଞା···

ଉଦୟ—ଧନ୍ୟବାଦ ମହାଶୟ । ଆପଣଙ୍କ ଚିକିତ୍ସାରେ ମୋ ମନରେ ଯେଉଁ ସଂଶୟ ରୋଗର ଉଦ୍ରେକ ହୋଇଥିଲା, ତାହା ଇତ୍ୟ- ବସରରେ ଆପଣଙ୍କ ଆଜ୍ଞାବଳରେ ଛୁଡ଼ ପଳାଇଚି ।

Digitized by srujanika@gmail.com

ଅଶୋକ—ଆଜି, ପବନକୁମାର—ମାନେ ପବନକୁ ନିଜ କବଳରେ ରଖି ପ୍ରାଣାୟାମ ସାହାଯ୍ୟରେ ଅସାଧ୍ୟରୋଗ ସବୁ ଭଲ କରି ଦେଉଛନ୍ତି । ସେ ମହାଶୟ ମଧ୍ୟ ରୋଗୀକୁ ଦେଖିବାକୁ ଆସି ଥିଲେ କିନ୍ତୁ, ସେ କହିଲେ ଗୁରୁଙ୍କ ଆଜ୍ଞାବିନା, ସ୍ତ୍ରୀଲୋକ ପ୍ରତି ସେ ଏହି ବିଧାନ ପ୍ରୟୋଗର ପକ୍ଷପାତି ନୁହେଁ—ଆପଣ ମାନଙ୍କୁ ଧନ୍ୟବାଦ । ଆପଣ ଅନୁଗ୍ରହପୂର୍ବକ ଯେ ଏତେକଷ୍ଟ ସ୍ୱୀକାର କରି ଏଠିକି ଆସିଲେ, ସେଥିପାଇଁ ମୁଁ ଆପଣମାନଙ୍କ ନିକଟରେ ଚିରଋଣୀ ରହିବି । ବର୍ତ୍ତମାନ ଆପଣମାନେ ଆସି ପାରନ୍ତି ।

[ସମସ୍ତଙ୍କର ପ୍ରସ୍ଥାନ]

ଉଦୟ—(ହସି ଉଠିଲି) ହସଟାକୁ ଏତେବେଳଯାଏ ବହୁତ କଷ୍ଟରେ ଚାପି ରଖିଥିଲି ଅଶୋକବାବୁ । ଆଉ ପାରିଲି ନାହିଁ । ଦେଖୁଚି ଏମାନଙ୍କ ପ୍ରତି ଆପଣଙ୍କର ଅଟଳ ଭକ୍ତି ।

ଅଶୋକ—ହସରେ ଉଡ଼ାଇ ଦେବାର କଥା ନୁହେଁ ଉଦୟ । ଏହିମାନଙ୍କ ଚିକିତ୍ସା ଉପରେ ଆମର ଗାଁ ଗହଳର ଲୋକମାନଙ୍କର ଏ ପର୍ଯ୍ୟନ୍ତ ଅଟଳ ବିଶ୍ୱାସ ରହିଚି । ଏଦେଶର ଲୋକସଂଖ୍ୟା ଅନୁପାତରେ ଡାକ୍ତରଖାନା ସଂଖ୍ୟା ଯେତେ କମ୍, ତା ସାଙ୍ଗକୁ ଔଷଧ ନାହିଁ ତ ଡାକ୍ତର ନାହାନ୍ତି—ସେହି ଅବସ୍ଥାକୁ ସୁଧାରି ରଖିଛନ୍ତି କେବଳ ଏଇମାନେ ।

ଉଦୟ—ଏ ପଲ୍ଲୀ ସମାଜର ଆବର୍ଜନା ମଧ୍ୟରେ ରହି ତୁମ ମନଟା ମଧ୍ୟ କୁସଂସ୍କାର ବ୍ୟାଧିଗ୍ରସ୍ତ ହୋଇ ଉଠିଛି ଦେଖୁଛି ।

Digitized by srujanika@gmail.com

ଅଶୋକ—ସେ ଯାହାହେଉ, ସାଧନା ବିଷୟରେ ଏବେ କ'ଣ କରିଯାଇପାରେ କୁହତ ?

ଉଦୟ—ସେଥିପାଇଁ ମୋର ମତ ତ ତୁମେ ସ୍ପଷ୍ଟଭାବରେ ଜାଣିଛ ।

ଅଶୋକ—ମୁଁ ଏବେ ମଧ୍ୟ ତୁମର ମତ ବଦଳାଇବା ନିମନ୍ତେ ପରାମର୍ଶଦେବି । ତାକୁ ନେଇ ମୁଁ ଘାଣ୍ଟି ହେଉଚି । ତା' ଯଦି ବରଂ ହୁଏ, କିନ୍ତୁ ଜାଣିଶୁଣି ମୁଁ ସହିବି ନାହିଁ ତା ସକାଶେ ତମପରି ଜଣେ ଉଦୀୟମାନ ଯୁବକର ଭବିଷ୍ୟତ ଜୀବନ-ନାଟକର ଅକାଳରେ ଯବନିକା ପଡ଼ିଯାଉ ।

ଉଦୟ—ଦେଖନ୍ତୁ ଅଶୋକବାବୁ, ତୁମେ ଜଣେ କବି-ଲେଖକ । ମଣିଷର ଭଲପାଇବାକୁ କେନ୍ଦ୍ରକରି ତୁମେ ହୁଏତ କେତେ କାବ୍ୟ, କବିତା,ନାଟକ, ଉପନ୍ୟାସ ରଚନା କରିଚ—କେତେ ଚରିତ୍ର ମଧ୍ୟରେ ଦ୍ୱନ୍ଦ୍ୱର ସୃଷ୍ଟି କରିଚ, କିନ୍ତୁ ସେ ସବୁ ମଧ୍ୟରେ ସାରବସ୍ତୁ ରୂପେ ଯେଉଁ ଜିନିଷକୁ ପାଠକମାନଙ୍କ ଆଗରେ ବାଢ଼ିଛ, ତାହା ଏହି ପ୍ରକୃତ ଭଲ ପାଇବାଟି ନୁହେଁ କି ?

ଅଶୋକ—ପ୍ରକୃତରେ ଉଦୟବାବୁ, ମୁଁ ତୁମ ଆଗରେ ଆଜି ମୁକ୍ତ କଣ୍ଠରେ ସ୍ୱୀକାର କରୁଛି, ସାଧନା ଆଜି ମୋତେ ସାହିତ୍ୟର ଦ୍ୱାର ଦେଶରେ ପହଞ୍ଚାଇ ଦେଇ ପାରିଚି ।

ଉଦୟ—ସେହି ସୌଭାଗ୍ୟରୁ ମୋତେ ମଧ୍ୟ ବଞ୍ଚିତ କରନ୍ତୁ ନାହିଁ ଅଶୋକ ବାବୁ ! ଆପଣ ଜାଣନ୍ତି ମେଡ଼ିକାଲ କଲେଜରେ

Digitized by srujanika@gmail.com

ମୋର ଯେଉଁ ଏତେ ବର୍ଷ ଧରି ସାଧନା, ତାହା କାହାପାଇଁ ଏବଂ ଏହାର ପ୍ରେରଣାର ମୂଳରେ କିଏ—ସେହି ସାଧନା ଦେଖ !

(ଅନ୍ତରାଳରୁ ଗୋଟିଏ ସ୍ତ୍ରୀ ଲୋକର ଚିତ୍କାର ଶୁଣାଗଲା)

ଅଶୋକ—ଦେଖ ପୁଣି କି କାଣ୍ଡ ହେଲା······

(ଦୁହେଁ ସବ୍ୟସ୍ତେ ପ୍ରସ୍ଥାନ । କିଛିକ୍ଷଣ ପରେ ପୁନଃର୍ବାର ପ୍ରବେଶ)

ଅଶୋକ—ଦେଖିଲ ତ, ସମୟେ ସମୟେ ଏ ପ୍ରକାର ଚିତ୍କାର ଓ ଏହି ଚିତ୍କାରର ମାତ୍ରାଟା ଯଦି ବେଶିକ୍ଷଣ ସ୍ଥାୟୀ ହୁଏ, ତା ହେଲେ ସଂଜ୍ଞାହୀନ ହୋଇପଡ଼େ ।

ଉଦୟ—ଏହାର କୌଣସି ଟ୍ରିଟ୍‌ମେଣ୍ଟ୍ ପର୍ବରୁ ମୁଁ ତୁମକୁ କହି ଆସୁଛି ଗୋଟିଏ ଚେଞ୍ଜ ପାଇଁ ।

ଅଶୋକ—ଏ ପ୍ରକାର Patientକୁ ଧରି ମୁଁ ଏକା କେଉଁଆଡ଼େ ଯିବି, ସେଇଆ ଭାବୁଚି । ପୁଣି ସର୍ବୋପରି ଆମର ଅବସ୍ଥା ପ୍ରତି ଦୃଷ୍ଟି ଟା ଏଡ଼େଇ ଦେଲେ ଚଳିବ ନାହିଁ ।

ଉଦୟ—ତା'ର ଗୋଟାଏ ବ୍ୟବସ୍ଥା କର—ହୁଏତ ଏଇ ଦୁଇଜଣ୍ ଭିତରେ ମଧ୍ୟରେ—ସାଙ୍ଗରେ ମୁଁ ମଧ୍ୟ ଯିବି ।

(ସାଧନାର ପ୍ରବେଶ)

ସାଧନା—ତୁମେ ତା ହେଲେ ଶୁଣି ପାଉଚ ଉଦୟବାବୁ—

Digitized by srujanika@gmail.com

ଉଦୟ—ତୁମେ ପୁଣି ଉଠି ଆସିଲ ସାଧନା······ମୁଁ ପରା ତୁମକୁ କିଛି ସମୟ ଶୋଇ ରହିବାକୁ କହି ଆସିଥିଲି ।

ସାଧନା—ଭାବିଥିଲ ମୋତେ ଏମିତି ଶୁଆଇ ଦେଇ ତୁମେ ଭାଇଙ୍କ ପାଖରେ ତୁମର ପ୍ରସ୍ତାବଟାକୁ ପାଶ୍ କରାଇ ନେଇ ନିର୍ବିଘ୍ନରେ ବିଦାୟ ନେଇଥାନ୍ତ ।

ଉଦୟ—ଦେଖ, କିଛି ସମୟ ପାଇଁ ତୁମେ କଥାବାର୍ତ୍ତା ନ କରିବା ଭଲ ।

ସାଧନା—କାହିଁକି; ତୁମକୁ ଭଲ ଲାଗୁନାହିଁ ବୋଧହୁଏ !

ଉଦୟ—ନାଁ, ଏହି ଅଳ୍ପ ସମୟ ତଳେ ଗୋଟାଏ attack ହୋଇଥିଲା······

ଅଶୋକ—ଭୟ ନାହିଁ ? ଉଦୟବାବୁ ଥରେ ଭଲ ହୋଇଗଲା ପରେ ତାର କିଛି ସମୟ ଭଲ ଯାଉନି, till another attack ବିଶେଷତଃ ମୁଁ ଲକ୍ଷ୍ୟ କରିଛି ତୁମ ସାଙ୍ଗରେ କଥା ହେଲା-ବେଳେ । କୌଣସି ଦିନ ତାର ରୋଗର ଉପସର୍ଗ ସବୁବେଳେ ଦେଖା ଦିଏ ।

ସାଧନା—ହଁ ଉଦୟ ବାବୁ, ଆପଣଙ୍କ ନାଟକର ହିରୋଇନ୍‌ଟି କିଏ ?

ଉଦୟ—ନାଟକ ? ହିରୋଇନ୍ ?

ସାଧନା—କ'ଣ ଆପଣଙ୍କ ପାଇଁ ମୂର୍ଚ୍ଛା ରୋଗର ଚିକିତ୍ସା ଦରକାର ?

Digitized by srujanika@gmail.com

ଉଦୟ—ମୁଁ ତ କିଛି ବୁଝି ପାରୁ ନାହିଁ ଅଶୋକବାବୁ !

ଅଶୋକ - ଆରେ, ତମ କଲେଜରେ ମୋର ଯେଉଁ ନାଟକ ହେବାର କଥା, ସେ ବିଷୟରେ ମୁଁ ହଠାତ୍ କଥା ପ୍ରସଙ୍ଗରେ ସାଧନାକୁ କହୁଥିଲି !

ଉଦୟ—ଓଃ ! ସେ ନାଟକ ବିଷୟରେ ପଚାରୁଛ ସାଧନା; ଆମର କଥାନେଇ ତୁମର ଭାଇ ଲେଖିଛନ୍ତି ସେ ନାଟକ । ଦେଖୁଚ, ସେ ନାଟକର ନାୟକ ଭୂମିକାରେ ଅଭିନୟ କରିବାର ସୁଯୋଗଟା ଏଥର ହରାଇବାକୁ ପଡ଼ିବ ।

ସାଧନା – ତା ସଙ୍ଗେ ସଙ୍ଗେ ନାୟିକାଟି ମଧ୍ୟ ଅଭିନୟରେ ଅଂଶ ଗ୍ରହଣ ନ କରିବାକୁ ଦୃଢ଼ ପ୍ରତିଜ୍ଞ ହୋଇ ବସିଛନ୍ତି—ଆପଣଙ୍କ ପାଇଁ !

ଉଦୟ – ମାନେ ?

ସାଧନା—ଅତି ସହଜ—ତୁମେ ପ୍ଲେ ନ କଲେ ସେ ପ୍ଲେ କରିବେ ନାହିଁ ।

ଉଦୟ—ଅର୍ଥାତ୍—

ସାଧନା—ଭାଇଙ୍କ ପରି, ତାଙ୍କର ସାହିତ୍ୟିକ ଦୃଷ୍ଟିରେ ତା ଭିତରୁ ଅଧିକ କିଛି ସୂକ୍ଷ୍ମ ତଥ୍ୟ ଆବିଷ୍କାର କରି ପାରୁଥିବେ ।

ଅଶୋକ—ସାଧନା କଣ ଯେ ଏଣୁତେଣୁ କହିବାକୁ ଆରମ୍ଭ କରୁଛି—ଭୁଲ ତେଣେ···

Digitized by srujanika@gmail.com

ସାଧନା—ଯାଉଚ ଘରେ । ଖାଲି ଉଦୟବାବୁଙ୍କଠାରୁ ଗୋଟାଏ ଉତ୍ତର ଅପେକ୍ଷାରେ ରହିଲି । କଣ କହୁଛନ୍ତି ଉଦୟବାବୁ ?

ଉଦୟ—ତୁମେ ଶୋଇ ଶୋଇ ସ୍ୱପ୍ନ ଦେଖୁ ନ ଥିଲ ତ ସାଧନା ?

ସାଧନା—ବେଶ୍, ଏଇ ନଅନ୍ତୁ, ଆପଣଙ୍କ କଲେଜର ଡ୍ରାମା ଯୋଗାଇଥିବ ସେକ୍ରେଟାରୀଙ୍କର ଏଇ ଚିଠି ଖଣ୍ଡିକ । ଆଗ୍ରହର ଆତିଶଯ୍ୟରୁ ଖୋଲି ଦେଇଚି—କ୍ଷମା କରିବେ । ବର୍ତ୍ତମାନ ବୁଝିପାରୁଥିବେ ମୁଁ ସ୍ୱପ୍ନ ଦେଖୁଥିଲି କି ନାହିଁ—

ଅଶୋକ—କଏ କଣଟେ ଲେଖିଛି—ସେଥିରେ ଚୋର କ'ଣ ଅଛି ?

ସାଧନା—ସେଇ କଥାଟା ଉଦୟ ବାବୁ କୁହନ୍ତୁ । କ'ଣ ଉଦୟବାବୁ ସୁଚିତା ଦେବୀଙ୍କୁ କଣ ଚିହ୍ନନ୍ତି ନାହିଁ…

ଉଦୟ—ହଁ, ସେ ମୋ ସାଙ୍ଗରେ ପଢ଼ନ୍ତି ।

ସାଧନା—ବେଶ୍; ଏଇଥର ସେକ୍ରେଟାରୀଙ୍କର ଏଇ ଚିଠି ଖଣ୍ଡିକ ଆମ୍ଭମାନଙ୍କ ପାଠକରି ମୋତେ କହିବେ । ମେଡ଼ିକାଲ କଲେଜରେ ଆପଣଙ୍କର ସାଧନାକୁ ହରାଇ ବସି ନାହାନ୍ତି ତ ?

(ପ୍ରସ୍ଥାନ)

(ଦୁହେଁ ଅବାକ୍ ହୋଇ ରହିଁଲେ…
ମଞ୍ଚ ଅନ୍ଧକାର ହୋଇଗଲା)

●

Digitized by srujanika@gmail.com

ଦୃଶ୍ୟାନ୍ତର

□

[ମଞ୍ଚ ଅନ୍ଧକାର ହେଲା ବେଳକୁ ଦେଖାଗଲା ସୁଚିତ୍ରା ହାତରେ ଚିଠି ଖଣ୍ଡିଏ ଧରି ବସିଛି । ଚିଠିରୁ ମୁହଁ ଫେରାଇ···]

ସୁଚିତ୍ରା—ଛି, ଛି, ଛି, । ଏତେ ସବୁ ଅସଭ୍ୟ, ବର୍ବର ଏହି ଲୋକ ଗୁଡ଼ାକ ।

ସେବେଇଥାଣ୍ଟ—ଏ ଅଭିଯୋଗଟା ଆପଣଙ୍କର କାହା ଉପରେ ?

ସୁଚିତ୍ରା—ଆପଣଙ୍କ ଉପରେ, ଆପଣଙ୍କ ଡ୍ରାମା ସୋସାଇଟି ଉପରେ ଆପଣଙ୍କ କଲେଜ ଉପରେ, Last of all ଆପଣଙ୍କ କଲେଜର ସେହି Jewel ଉଦୟବାବୁଙ୍କ ଉପରେ ।

ସେବେଇଥାରୀ—ଥାଉ, ଥାଉ; ବେଶି ଚିପୁଡ଼ା ହୋଇଗଲା--

ସୁଚିତ୍ରା—ମାନେ ?

ସେବେଇଥାଣ୍ଟ— ଲେମ୍ବୁ ।

ସୁଚିତ୍ରା— ମାନେ ?

ସେବେଇଥାଣ୍ଟ—Too much a thing

ସୁଚିତ୍ରା—କଥାଟାକୁ କିଏ too much କଲା ?

ସେବେଇଥାଣ୍ଟ—ଆପଣ ?

ସୁଚିତ୍ରା—ନା, ନା, ଆପଣ ବୁଝନ୍ତୁ । ଆପଣ ବୁଝନ୍ତୁ ନା; ମୋ ବିଷୟରେ ଚର୍ଚ୍ଚା ଚଳାଇଲା କପଣ ସେହି ଅଖ୍ୟାତ ପଲ୍ଲୀର ଅଶୋକ କାନନରେ ।

ସେବେଇଥାଣ୍ଟ—ତୁଳସୀ ଦୁଇପତ୍ରରୁ ବାସେ, ସୁଚିତ୍ରା ଦେବୀ ।

ସୁଚିତ୍ରା—ମାନେ ?

Digitized by srujanika@gmail.com

ସେନ୍ଦେଶ୍ଟାଗ୍ସ—ମାନେ ଆପଣଙ୍କର ଯଶକୀର୍ତ୍ତି—ଏହା ଡ୍ରାମା ସୋସାଇଟି ନୁହେଁ, ଏହା ମେଡ଼ିକାଲ କଲେଜ ନୁହେଁ, ଏହା ସହରର ସୀମା ସରହଦ୍ଦ ଲଂଘି ବ୍ୟାପିଗଲାଣି ସେହି ଓଲ୍ଡ଼ ଅଶୋକ କାନନ ପର୍ଯ୍ୟନ୍ତ ।

ସୁଚିତ୍ରା—ଆପଣଙ୍କୁ ଲଜ୍ଜା ଲାଗେନା, ଏହାକୁ condemn ନ କରି ଏହାର ପ୍ରଶସ୍ତି ଗାଉଚନ୍ତି ।

ସେନ୍ଦେଶ୍ଟାଗ୍ସ—No, No, Not the least, ଲଜ୍ଜା କରିବାର ଏଥିରେ କିଛୁ ନାହିଁ ସୁଚିତ୍ରା ଦେବୀ, ବରଂ ଗୌରବ ଅନୁଭବ କରିବାର ଯଥେଷ୍ଟ କାରଣ ଅଛି । ଏତେ ବଡ଼ ବିରାଟ ଜନପଦରେ ଆପଣଙ୍କର ଯଶୋଗୁଣରେ ଯେପରି ଅନାୟାସରେ ପରିବ୍ୟାପ୍ତି ଘଟିଛି, ଆପଣ ଦୁଏତ ଆସନ୍ନା ଇଲେକ୍‌ସନରେ ଭାରତ ପାର୍ଲିଆମେଣ୍ଟରେ ସଭ୍ୟପଦ ପାଇଁ ଯଦି ପ୍ରତିଯୋଗିତା କରିବେ, ନିଶ୍ଚୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବେ ।

ସୁଚିତ୍ରା—Don't be silly ସେନ୍ଦେଶ୍ଟାଗ୍ସବାବୁ । ଆପଣ ମନେ-ରଖନ୍ତୁ ଆମର ଗୋଟାଏ ଆତ୍ମସମ୍ମାନ ଅଛି । ଆପଣଙ୍କ ଡ୍ରାମାରେ ପାର୍ଟ କରୁଛୁ ବୋଲି, ଆପଣମାନଙ୍କୁ ଯାହା ତାହା ବୋଲି ଭାବିବେ ନାହିଁ ।

ସେନ୍ଦେଶ୍ଟାଗ୍ସ—No, No ସୁଚିତ୍ରା ଦେବୀ, with a seriousness I consider you as an actress and that in the true sense of the term.

ସୁଚିତ୍ରା—ଅଭିନୟ କରିବା କ'ଣ ଭୁଲ ?

ସେନ୍ଦେଶ୍ଟାଗ୍ସ—ମୋଟେ ନୁହେଁ, ଅଭିନୟ କରିବା ଭୁଲ ନୁହେଁ କି ଡ୍ରାମାରେ ହିରୋଇନ୍ ହେବା ମଧ୍ୟ ମୋଟେ ଭୁଲ ନୁହେଁ ।

Digitized by srujanika@gmail.com

ସୁଚିତ୍ରା—ତା ହେଲେ ଏତେ Remark pass କରିବାର କ'ଣ ଆବଶ୍ୟକ ?

ସେକ୍ରେଟାରୀ—କିଏ, କି Remark କଲି ?

ସୁଚିତ୍ରା—ଚିଠିଟା ପଢ଼ି ଦେଖନ୍ତୁ; ଆପଣ ଉଦୟବାବୁ ଦେଇଥିବା ଚିଠି ଏହିସବୁ ବଭ୍ରାଟର ମୂଳରେ । ଆପଣ କହନ୍ତୁନା ଦେଖି ଉଦୟବାବୁଙ୍କ ସହିତ କେବେ ମୋର କୌଣସି ସମ୍ବନ୍ଧ ଥିଲି ?

ସେକ୍ରେଟାରୀ—ଅତୀତରେ ନ ଥିଲା, ବର୍ତ୍ତମାନରେ ସେପରି କିଛି ଘନିଷ୍ଠତା ହୁଏତ ନାହିଁ କିନ୍ତୁ ଭବିଷ୍ୟତରେ କୌଣସି ସମ୍ବନ୍ଧ ହେବ, ଏ ବିଷୟରେ କିଏ ଗ୍ୟାରେଣ୍ଟି ଦେଇ କହିପାରିବ ?

ସୁଚିତ୍ରା—Oh ! I see, you are the root of all the trouble ! କହନ୍ତୁ ମୋ ବିଷୟରେ ଆପଣଙ୍କର କ'ଣ ଧାରଣା···?

ସେକ୍ରେଟାରୀ—କଥାଟା—ବଡ ପର୍ସନାଲ ହୋଇଯାଉଛି ସୁଚିତ୍ରା-ଦେବୀ !

ସୁଚିତ୍ରା— I do not mind, ଆପଣଙ୍କୁ କିନ୍ତୁ କହିବାକୁ ହେବ ।

ସେକ୍ରେଟାରୀ—ଏତେଗୁଡ଼ାଏ ଭଦ୍ରଲୋକ ଓ ଭଦ୍ରମହିଳାଙ୍କ ଆଗରେ—

ସୁଚିତ୍ରା—Still I do mind.

ସେକ୍ରେଟାରୀ—ବେଶ୍, ତେବେ କହୁଛି ଶୁଣ···

(ମଞ୍ଚ କ୍ରମେ ଅନ୍ଧକାର ହୋଇଗଲା)

Digitized by srujanika@gmail.com

ଦୃଶ୍ୟାନ୍ତର

□

(ଅଶୋକ କାନନର ପୂର୍ବଦୃଶ୍ୟ)

ଉଦୟ—ଶୁଣ ସାଧନା, ମୋ କଥାଟାକୁ ଆଗ ଶୁଣିସାର ।

ସାଧନା—ଆଉ କ'ଣ ଅଧିକା ଶୁଣେଇବ ?

ଉଦୟ—ସୁଚନ୍ଦ୍ରା ବିଷୟରେ ଏବେ ମଧ୍ୟ ତୁମେ କିଛି ଜାଣିନାହିଁ ।

ସାଧନା—ବାଃ, ତୁମେ ପରା ଏଇକ୍ଷଣି କହିଲ, ସେ ତୁମର ସହପାଠିନୀ !

ଉଦୟ—ଖାଲି ସେତିକରେ ତାର ପରିଚୟ ସମ୍ପୂର୍ଣ୍ଣ ହୋଇଗଲା ନାହିଁ ସାଧନା ।

ସାଧନା—ସେତିକ ମୋ ପକ୍ଷରେ ଯଥେଷ୍ଟ, ଆଉ ମୋର ବେଶୀ ଜାଣି ଲାଭ ନାହିଁ ।

ଉଦୟ—କିନ୍ତୁ ମୋର ବର୍ତ୍ତମାନ ବେଶୀ କିଛି ଜଣାଇବା ନିହାତି ଜରୁରୀ ହୋଇ ପଡ଼ିଛି ।

ସାଧନା—ସୁଚନ୍ଦ୍ରା ସହିତ ତମର ପରିଚୟଟା ଅଳ୍ପ କେତେଦିନର ନୁହେଁ, ନିଶ୍ଚୟ !

ଉଦୟ—ନା, କଲେଜରେ ଭର୍ତ୍ତି ହେଲ ଦିନଠୁ ।

ସାଧନା—ଏତେ ବର୍ଷଧରି ତୁମେ କ'ଣ ସମୟ ପାଇ ନ ଥିଲ ମୋତେ କୌଣସି ଆଭାସ ଦେବାପାଇଁ ।

Digitized by srujanika@gmail.com

ଉଦୟ—ନା; ତା ଠିକ୍ ନୁହେଁ, ତାର କୌଣସି ଆବଶ୍ୟକତା ନଥିଲା ବୋଲି ତୁମକୁ କହି ନ ଥିଲି ।

ସାଧନା—ଏବେ ବା ତା'ର କଣ ଆବଶ୍ୟକତା ଅଛି ?

ଉଦୟ—ତୁମର ସନ୍ଦେହୀ ମନଟା ସନ୍ଦେହର କୁହୁଡ଼ି ଭିତରେ ଯେପରି ପଥହରା ନ ହୁଏ ।

ସାଧନା– ହେଲେ ବା ତୁମର ତ ସେଥିରେ କିଛି କ୍ଷତି ହେଉ ନାହିଁ ।

ଉଦୟ—ଆଣ୍ଠୁ ଗଣ୍ଠି ଛୁଣ୍ଡି ଯନ୍ତ୍ରଣା ଭୋଗ କରିବ ।

ସାଧନା—ତା'ହେଲେ ମଧ୍ୟ ତୁମପରି ଡାକ୍ତରଙ୍କୁ ଚିକିତ୍ସାପାଇଁ ହାଇରାଣ କରିବାର ଆବଶ୍ୟକତା ପଡ଼ିବ ନାହିଁ ।

ଉଦୟ—ସାଧନା !

ସାଧନା—ପରିଚୟଟାକୁ ଗୋପନ କରିବାରେ ନିଶ୍ଚୟ ତୁମର କିଛି ସ୍ୱାର୍ଥ ଥିଲା ?

ଉଦୟ—କଥାଟାକୁ ଶୁଣିସାରି ସ୍ୱାର୍ଥର ସନ୍ଧାନ କର ସାଧନା । ମୁଁ ଏବେ ମଧ୍ୟ ଯୋରକରି କହୁଚି ସୁଚିତ୍ରାକୁ ତୁମେ ଭଲକରି ଜାଣି ନାହିଁ ।

ସାଧନା—ସେ ତୁମର ସହପାଠିନୀ—ମାନେ Class friend—ମାନେ ବନ୍ଧୁ-ବହୁ ପରିଚିତ ବନ୍ଧୁ ! ତୁମ ସହିତ କ୍ଲାସରେ କେବଳ compete କରୁ ନାହାନ୍ତି, ଜୀବନରେ ମଧ୍ୟ ତୁମ ସହିତ compete କରିବାକୁ ତାଙ୍କର ଇଚ୍ଛା । ଏଥି କଣ ତୁମ ମହାଭାରତର କ୍ଷୁଦ୍ର ଭୂମିକା ନୁହେଁ ସୁଚିତ୍ରା ।

Digitized by srujanika@gmail.com

ଉଦୟ—ତୁମ କଥା ଶୁଣି ମୋର ଜଣେ ବିଖ୍ୟାତ କବିଙ୍କର କଥା ମନେ ପଡ଼ୁଚି । woman ! Thy name is jealousy.

ସାଧନା—ଉଦୟବାବୁ !

ଉଦୟ—କାହିଁ ସୁଚିତା ଆଉ କାହିଁ ସାଧନା—ଦୁହିଁଙ୍କର ଦୁହିଁଙ୍କ ବିଷୟରେ ଧାରଣା କେତେ ଅସ୍ପଷ୍ଟ, ତଥାପି ଦୁହିଁଙ୍କ ମଧ୍ୟରେ competationଟା କେତେ ସ୍ପଷ୍ଟ ।

ସାଧନା—ମୁଁ competationରେ ହାରଯାଇଛି ଉଦୟବାବୁ, ଆପଣ ଆଜ ଫେରି ଯାଆନ୍ତୁ ।

ଉଦୟ—କେଉଁଠିକି ?

ସାଧନା—ସଂସାରର ରଙ୍ଗମଞ୍ଚ ଉପରେ, ଯେଉଁଠାରେ କି ଉତ୍କଣ୍ଠା ମନରେ ଗୁହିଁରହିଛି ସୁଚିତା, ବିଜୟର ଟୀକା ପିନ୍ଧାଇ ଦେବ ତାର ମସ୍ତକରେ ।

ଉଦୟ—ଏତେ ଚଞ୍ଚଳ ହାର ମାନିଗଲ ସାଧନା ।

ସାଧନା—ଗୋଟାଏ ଅବସମ୍ଭାବୀ ସଂଘର୍ଷକୁ ଏଡ଼ାଇବା ପାଇଁ ।

ଉଦୟ—ତୁମର ଏ ସ୍ୱାର୍ଥ ତ୍ୟାଗ ମଧ୍ୟରେ ଦୁର୍ବଳତାର ଚିହ୍ନ ଥିବାରୁ ଯଥାଯୋଗ୍ୟ ପ୍ରଶଂସା ଦେଇପାରୁ ନାହିଁ ।

ସାଧନା—ଧନ୍ୟବାଦ । (ପ୍ରସ୍ଥାନ ଉଦ୍ୟତ)

ଉଦୟ—ସାଧନା !

ସାଧନା—କଣ କିଛି ବିଶେଷ ଦରକାର ଅଛି ।

ଉଦୟ—ମୁଁ ଏଥିଥର କଟକ ଗଲାବେଳକୁ ତୁମେ ଯଦି ମୋ ସାଥିରେ ଯା'ନ୍ତ...।

Digitized by srujanika@gmail.com

ସାଧନା—ସୁଚରିତା ଦେବୀଙ୍କ ସହିତ ସାକ୍ଷାତ କରିଛ ବୋଧହୁଏ ନିଶ୍ଚୟ ?

ଉଦୟ—ସେଥିରେ ଭୁଲ ଦେଖୁନ୍ତ ନାହିଁ ।

ସାଧନା—ସେ ଭୁଲ ଅନ୍ତତଃ ମୋ ଆଡ଼େ ମୁଁ କରିବାକୁ ଦେଉନାହିଁ ।

ଉଦୟ—ତାହାହେଲେ ସବୁ ଭୁଲ ହୁଏତ ଅଳ୍ପକରେ ସୁଧାରି ହୋଇଯାଆନ୍ତା । ତୁମ ଦେଖୁନ୍ତ ସୁଚରିତା, ଜଣେ ଖ୍ୟାତ ବାରିଷ୍ଟରଙ୍କର ଏକମାତ୍ର କନ୍ୟା ହିସାବରେ ଯେତିକି ଅହଂକାର ଅଛି, ତାଠୁ କୌଣସି ଗୁଣରେ କମ୍ ନୁହେଁ ଅପରର ଗୁଣ ଗ୍ରହଣ କରିବାକୁ ।

ସାଧନା—ସେଇ କଥା ତ ମୁଁ ଭଲ ଭାବରେ ବୁଝିପାରୁଛି ଉଦୟବାବୁ । ସେ ତୁମ ଗୁଣରେ ମୁଗ୍‌ଧା, ଆଉ ତୁମେ ମଧ୍ୟ ତାଙ୍କର ଗୁଣରେ ମୁଗ୍‌ଧ । ତୁମ ଦୁହିଁଙ୍କ ମଧ୍ୟରେ ପ୍ରତିବନ୍ଧକ ରୂପେ ମୁଁ ରହିବାକୁ ଚାହେଁ ନାହିଁ ।

(ଅଶୋକର ପ୍ରବେଶ—ହାତରେ ଗୋଟାଏ ଟେଲିଗ୍ରାମ)

ଅଶୋକ—ଦେଖୁଛି ଉଦୟ, ତୁମକୁ ଏଠାରେ ରଖାଇ ଦେବେ ନାହିଁ । ଏଇ ନିଅ ତୁମର ଟେଲିଗ୍ରାମ···

ଉଦୟ—(ଖୋଲି) ଡ୍ରାମା ସୋସାଇଟିର ସେକ୍ରେଟାରୀଙ୍କଠାରୁ; ଯେମିତି ହେଲେ ପ୍ଲେ ଦିନକୁ ମୁଁ ସେଠାରେ ଯାଇ ପହଞ୍ଚିବି ।

ସାଧନା—ମୁଁ ମଧ୍ୟ ସେକ୍ରେଟାରୀଙ୍କ କଥାକୁ ସମର୍ଥନ କରି କହୁଛି, ତାଙ୍କର ଯିବାଟା ନିହାତି ଦରକାର । ଭାଇ, ତାଙ୍କପାଇଁ ଆଜି ଯିବାର ବ୍ୟବସ୍ଥା କରିଦିଅ ।

ଅଶୋକ—ହଠାତ୍ ତୋର ଏ ପ୍ରସ୍ତାବ ?

Digitized by srujanika@gmail.com

ସାଧନା—ହଠାତ୍ ମୋର କହିବାଟା ହୋଇଯାଇରେ, କିନ୍ତୁ ପ୍ରସ୍ତାବଟା ପୂର୍ବ ପ୍ଲାନ୍ ଅନୁସାରେ ।

ଅଶୋକ—ମାନେ ?

ସାଧନା—ଡ୍ରାମା ହେବାର ପରିକଳ୍ପନାଟା ତ ହଠାତ୍ ନୁହେଁ, କି ଉଦୟବାବୁଙ୍କର ଅଭିନୟ କରିବାର ପ୍ରସ୍ତାବଟା ହଠାତ୍ ନୁହେଁ...

ଉଦୟ—ଟେଲିଗ୍ରାମ ଫର୍ମ ଅଛି ଅଶୋକବାବୁ ?

ଅଶୋକ—ହିଁ, ତାଙ୍କୁ ଗୋଟେ ପଠାଇ ଦେଇଦଅ । ତାହାଙ୍କ ପିଛରେ ସେମାନେ ଅପେକ୍ଷା କରି ବସିବେ । ତୁମ ଯିବାଟା ଏତେ ଚଞ୍ଚଳ ହେଉନାହିଁ ।

ଉଦୟ—ନା-ନା ଅଶୋକବାବୁ, ଚଞ୍ଚଳ, ଖୁବ୍ ଚଞ୍ଚଳ । ଫର୍ମଟା କେଉଁଠି ଅଛି କହିଲେ ସୁଖୀ ହେବ ।

ଅଶୋକ—ଦେଖ, ଶୋଇଲାଘର ଟେବୁଲ ଉପରେ ।

ଉଦୟ—Thank you.

ଅଶୋକ—ସାଧନା ! ତୁମର ସେଇ ସୁଚିନ୍ତା, ସେହେତୁଟାଗ ଆଜ ଅଭିନୟ କଥା ସରିନାହିଁ ବୋଧହୁଏ ।

ସାଧନା—ନୟ, ମୋ-ପାଁସାଙ୍କର ସର୍ଟଷ୍ଟୋରି ନୁହେଁ ଭାଇ ! ରୋମାରୋଲାଁଙ୍କର ଉପନ୍ୟାସ ।

ଅଶୋକ—ମୁଁ ମୋପାଁସା କି ରୋମାରୋଲାଁଙ୍କ କଥା ପଚାରୁ ନାହିଁ । ମୁଁ ଡାକ୍ତର ଉଦୟବାବୁଙ୍କ କଥା ପଚାରୁଛି ।

ସାଧନା—ତାହେଲେ ସେ ଘରକୁ ଯାଅ, ପଚାରି ବୁଝିନେବ ।

Digitized by srujanika@gmail.com

ଅଶୋକ—ସାଧନା !

ସାଧନା—ଡେରି କରନାହିଁ ଭାଇ । ଉଦୟବାବୁ ଯେମିତି ଭାବପ୍ରବଣ ଲୋକ, ହୁଏତ ଟେଲିଗ୍ରାମ କରିବା ପରେ ପରେ ସୁଟ୍‌କେଶ ହାତରେ ଧରି ବାହାରି ପଡ଼ିବେ ସିଧାସଳଖ ଷ୍ଟେସନକୁ ।

ଅଶୋକ—ହଁଉ, ଯିବାଟା ଯଦି ଉଚିତ ମନେକରିବ ସେ ଯିବ । ମୁଁ ବା ଅଟକାଇବି କାହିଁକି ? ସେ ବା ମୋ କଥା ଶୁଣିବ କାହିଁକି ? ସେ ତ ଆଜ ମୋପାଇଁ ଆସି ନ ଥିଲେ ।

ସାଧନା—ମୋ ପାଇଁ ଆସିଥିଲେ ନା ଭାଇ ? ମୋଟି ତାଙ୍କର କାମ ସରିଯାଇଛି ।

ଅଶୋକ—ସାଧନା, ଏବେ ପର୍ଯ୍ୟନ୍ତ ତୁ ଉଦୟବାବୁଙ୍କୁ ଚିହ୍ନି ପାରିଲୁ ନାହିଁ ।

ସାଧନା—ଚିହ୍ନିଚି ଭାଇ । ମୁଁ ଯେଉଁ ଉଦୟବାବୁଙ୍କୁ ଚିହ୍ନିଥିଲି ସେ ଉଦୟବାବୁ ମେଡ଼ିକାଲ କଲେଜର ଅବହାଓ୍ୱା ମଧ୍ୟରେ ହଜି ଯାଇଚନ୍ତି ।

ଅଶୋକ—କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ତୁ ଅତୀତର କଥାସବୁ ଏକାବେଳକେ ଭୁଲି ଯାଉଛୁ ସାଧନା । ଉଦୟବାବୁ ଆମପାଇଁ ନ କରିଛନ୍ତି କ'ଣ ?

ସାଧନା—ମନେଅଛି ଭାଇ, ଗୋଟି ଗୋଟି କରି ସବୁ ମନେ ଅଛି । ସେ ବର୍ଷ କ ସର୍ବନାଶୀ ଦେବତାର ସଙ୍କେତ ମିଳିଲି କେଜାଣି, ବୋଉର ପୁରୁଣା ରୋଗଟା ବଢ଼ି ବଢ଼ି ଗ୍ଳଲିଥାଏ । ହଠାତ୍‌ ବାପା ଖବରକାଗଜ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଖବର

Digitized by srujanika@gmail.com

ବାହାରବାର ଦେଖିଲେ ଯେ, ରନ୍ତଲେଇର ନେପାଳି ବାବାଙ୍କର ଅଦ୍ଭୁତ ଦୈବୀ ଶକ୍ତିର ପାରକାଷ୍ଠା ବିଷୟ । ପ୍ରଥମେ ମନରେ ସନ୍ଦେହ ଜନ୍ମିଥିଲି, କିନ୍ତୁ କ୍ରମେ ସେ ସନ୍ଦେହ ଦୂର ହେଲା । ଯେତେବେଳେ ଖବର କାଗଜ ପୃଷ୍ଠାରେ ବଡ଼ ବଡ଼ ଲୋକଙ୍କର ପ୍ରଶସ୍ତି ଛପାହେଲା, ବିଶାଳ ଭାରତର ବିଭିନ୍ନ ସ୍ଥାନରୁ ଲୋକ ଆସିଲେ । ଲୋକ ସମୁଦ୍ରର ଢେଉ ଆସି ବାଜିଲା ଆମର ଗାଁ ଘାଟରେ । ବାପା ବାହାରିଲେ, ବୋଉ ଆଉ ମୋତେ ସାଙ୍ଗରେ ଧରି ।

ଅଶୋକ୍—ସେ କଥା ମନେ ହୋଇ ଲଜ୍ଜା ନାହିଁ ସାଧନା ।

ସାଧନା—ଦେଖ ଭାଇ, ମୁଁ ଠିକ୍ ମନେ ରଖିଚି ନା ନାହିଁ । ରନ୍ତଲେଇ ପାଖରେ ପହଞ୍ଚିଲୁ, ବହୁ କଷ୍ଟରେ ନେପାଳି ବାବାଙ୍କଠାରୁ ହୁକୁମ ଔଷଧ ମିଳିବା କଥା—ରାତି ପାହିଲେ ଧାଡ଼ି କରି କେତେ ଲୋକଙ୍କ ସହିତ ବସିବାକୁ ପଡ଼ିବ ସେଇ ବିରାଟ ପଡ଼ିଆରେ···ସେଦିନ ରାତିରେ ବାପା ଆମକୁ କହୁଥାନ୍ତି ବାବାଙ୍କର ଅଦ୍ଭୁତ ଶକ୍ତି କଥା—ଯାହା ସେ ଶୁଣିଥିଲେ ବାଟରେ । ଭିନ୍ନ ଭିନ୍ନ ଯାତ୍ରୀଙ୍କଠାରୁ କଥା ଶୁଣୁଶୁଣୁ ଆମେ ଶୋଇ ପଡ଼ିଲୁ··· । ରାତି ପାହିଲା, ସକାଳୁ ଉଠି ଆମେ ଦେଖୁ ଯେ ଆମ ଘରପାଖରେ ମଡ଼ା କୁଢ଼ କୁଢ଼ । କେତେ ଯେ ମଣିଷ ମରି ଶୋଇଛନ୍ତି ତାର ସୀମା ନାହିଁ । ବୋଉ କହିଲା ଫେରି ଆସିବାକୁ । ଭୟରେ ମୁଁ ବୋଉ କୋଳରେ ମୁହଁ ଲୁଚାଇ ଥାଏ । ବାପା କହିଲେ, ଏତେ ବାଟ ଆସି ଫେରିଯିବା···ସେ ମଡ଼ାକୁଢ଼ ଉପରେ ପାଦ ପକାଇ ବାପା ଚାଲିଲେ ହୁକୁମ

Digitized by srujanika@gmail.com

ଔଷଧପାଇଁ···ଆଉ ଫେରିଲେ ନାହିଁ । ବୋଉ ମଧ୍ୟ ତାଙ୍କୁ ଖୋଜି ଖୋଜି ଆଖି ବୁଜିଦେଲା, ସାର୍‌······

(ଚିତ୍କାର କରି ଉଠିବା)

ଅଶୋକ—ସାଧନା···(ଅଚେତ ହୋଇଯାଇଥିବାର ଦେଖି) ଉଦୟବାବୁ, ଉଦୟବାବୁ !

(ଉଦୟର ପ୍ରବେଶ)

ଉଦୟ—କ'ଣ ହେଲା ଅଶୋକ ବାବୁ ?

ଅଶୋକ—ପୁଣି ଥରେ ରୋଗଟା attack କଲା···ଏକା ବେଳକେ senseless ହୋଇଯାଇଛି ।

ଉଦୟ—ଭୟର କିଛି କାରଣ ନାହିଁ ଅଶୋକବାବୁ ! ହଠାତ୍ କୌଣସି ଦୁର୍ଘଟଣାର ଭୟ ନାହିଁ, କିନ୍ତୁ ରୋଗୀର ଗୋଟାଏ change ଦରକାର ।

ଅଶୋକ—କିନ୍ତୁ ରୋଗଟା କ'ଣ ଏ ପର୍ଯ୍ୟନ୍ତ ତ କେହି ଡାଏଗ୍‌ନୋଜ୍ କରି ପାରିଲେ ନାହିଁ । କରିଯିବ କ'ଣ ? ଧନ୍ୟ ସ୍ରଷ୍ଟା—ଧନ୍ୟ ତୁମର ଦଣ୍ଡର ବିଧାନ ।

ଉଦୟ—ଏଇକ୍ଷଣିଟି ବେଶ୍ ଭଲ ମଣିଷ ପରି କଥାବାର୍ତ୍ତା କରୁଥିଲା—ହଠାତ୍ ଏପରି ହେଲା କେମିତି ?

ଅଶୋକ—ସେଇ ତ ବେଶୀ ଭାବନାରେ ପକାଉଚି । ଭଲ ମଣିଷ ପରି କଥାବାର୍ତ୍ତା—ଏଇକ୍ଷଣି ତୁମ ବିଷୟରେ କହିବାରୁ ସେ ଗୋଟି ଗୋଟି କରି ତାର ପୂର୍ବ କଥା କହି ଯାଉଥିଲା—ଠିକ୍ ଏହେଲେ କେଉଁଠି ଭୁଲ ଥା'ନ୍ତା—ହଠାତ୍ ଚିତ୍କାର କରି ଉଠିଲା···

Digitized by srujanika@gmail.com

ଉଦୟ – ବଡ଼ Sentimental ଝିଅ ସାଧନା, ଅଶୋକବାବୁ । ବଡ଼ Sentimental·

ଅଶୋକ--ଯାହା ବା ଥିଲା ନ ଥିଲା, ବାପା ବୋଉଙ୍କର ଗୋଟିଏ ମାତ୍ର ଝିଅ—ବଡ ଅଲଅଲରେ ପିଲାଟି ଦିନରୁ ବଢି ଆସିଥିଲା, ହଠାତ୍ ବାପା ବୋଉ ଏକା ସାଙ୍ଗରେ ଚାଲିଗଲେ ଦିନଠୁ ସେ ଯେମିତି ଭାବୁଚି, ତା କଥା ବୁଝିବାକୁ ଏ ଦୁନିଆରେ କେହି ନାହିଁ । ପଦେ ପଦେ କଥାରେ ସେ ଏତେ ଅବୁଝା ହୋଇପଡ଼େ ଯେ, ତାକୁ ବୁଝାଇବା କାହା ପକ୍ଷରେ ସହଜସାଧ୍ୟ ନୁହେଁ ।

ଉଦୟ—ଦେଖନ୍ତୁ ନା ଏ ସାମାନ୍ୟ ଚିଠିଟାରୁ କଣ ବୁଝିଲା, ଏତେ ସମୟ ଧରି ଖାଲିମାଲି ମୋ ସାଙ୍ଗରେ ଗୋଟାଏ ଝଗଡ଼ା ସୃଷ୍ଟି କରିଦେଲା···

ଅଶୋକ—ସେ ସବୁ ବିଷୟ ଭୁଲିଯାଅ ଉଦୟ—ସାଧନାପାଇଁ ମୁଁ କ୍ଷମା ମାଗି ନେଉଚି···

ଉଦୟ—That is nothing ଅଶୋକବାବୁ—ମୁଁ ଭାବୁଚି ବର୍ତ୍ତମାନ କି ବ୍ୟବସ୍ଥା କରାଯାଇପାରେ···

(ମଞ୍ଚ ଅନ୍ଧକାର ହୋଇଗଲା)

Digitized by srujanika@gmail.com

ଦୃଶ୍ୟାନ୍ତର

□

[ଷ୍ଟେଜ୍ ଭିତରର କୌଣସି ଏକ ଅଂଶ ।
···ଦେଖାଗଲା ମ୍ୟାନେଜର ବଡ଼ ବ୍ୟସ୍ତଭାବେ
ବୁଲୁଛନ୍ତି ଉଇଂଗଡ଼ର ଫାଙ୍କଦେଇ—ପ୍ରବେଶ
କଲେ ଆଶାଦେବୀ । ଗଳାଟା ଜଣାଯାଉଥାଏ
ଯେପରି ପଞ୍ଚମରେ—]

ଆଶା—କାହିଁ, କି ବ୍ୟବସ୍ଥା କରୁଛନ୍ତି ମ୍ୟାନେଜରବାବୁ ?

ମ୍ୟାନେଜର—(ତାଙ୍କ ପ୍ରତି ଲକ୍ଷ୍ୟ ନ କରି) ଆଃ ଟିକିଏ ଅପେକ୍ଷା କରି ଯାଆନ୍ତୁ । ସବୁ ବ୍ୟବସ୍ଥା ଠିକ୍ ହୋଇଯିବ—

ଆଶା—ଆଉ କେତେ ସମୟ ଅପେକ୍ଷା କରିବୁ ?

ମ୍ୟାନେଜର—ସେକ୍ରେଟାରୀବାବୁ ଷ୍ଟେଜରୁ ଆସନ୍ତୁ—ଚିଠିଟା ପଢ଼ା ଲାଗିଛି—ଧନ୍ୟ ସେ ଚିଠି—ଚିଠି ନୁହେଁ ତ ଗୋଟିଏ ଉପନ୍ୟାସ ।

ଆଶା—ଆମର ସେଥିରେ କିଛି ଯାଏ ଆସେ ନାହିଁ—ଯଦି ଚଞ୍ଚଳ କିଛି ବ୍ୟବସ୍ଥା କରିବେ ତ କରନ୍ତୁ, ନଚେତ୍ ଆମେ ଚାଲିଲୁ ।
(ଯିବାକୁ ଉଦ୍ୟତ)

ମ୍ୟାନେଜର—ଆଃ, ଶୁଣନ୍ତୁ ମିସେସ୍—କ'ଣ ଆପଣଙ୍କ ନାଁଟା ଭୁଲିଗଲି ।

ଆଶା—ଶ୍ରୀମତୀ ଆଶା ଦେବୀ ! ଆଉ କିଛି ଜାଣିବାକୁ ଇଚ୍ଛା ଅଛି ।

ମ୍ୟାନେଜର—ଆପଣ ଏତେ ନିରାଶ ହେଲେ ଚଳିବନି ଆଶାଦେବୀ; ତାହେଲେ ଯେ ସମସ୍ତଙ୍କୁ ହତାଶ କରିବାକୁ ପଡ଼ିବ ।

Digitized by srujanika@gmail.com

ଆଶା—ଆମେ ତ ଆଉ ବଜାର ଝିଅ ନୁହଁ ।
ଆମ ସକାଶେ କ'ଣ ଅଟକି ଯାଉଛି ?

ମ୍ୟାନେଜର—ଅଟକି ଯାଉଚ ମାନେ ନିଶ୍ଚୟ ଅଟକି ଯିବ । ହେଇ ଦେଖ, କେଡ଼େ ସାନ ପୁଲିଟା ସାହାଯ୍ୟରେ ଏତେ ବଡ଼ ପିନ୍ଟା ଉଠୁଚି । ପିନ୍ଟା ସମସ୍ତଙ୍କ ଦୃଷ୍ଟିକୁ ଆସୁଚ—ତା ବୋଲି ପୁଲିର କାର୍ଯ୍ୟକୁ ଅସ୍ୱୀକାର କଲେ ଚଳିବ ?

ଆଶା—ତାହେଲେ ଆପଣ କହିବାକୁ ଚାହୁଁଛନ୍ତି ଆମେମାନେ ଗୋଟିଏ ଗୋଟିଏ ପୁଲି ।

ମ୍ୟାନେଜର—Yes exactly. ଯେତେ ସବୁ minar roles ଅଛନ୍ତି, ତା'ର ଉପରେ ଭରାଦେଇ ଗଢ଼ିଉଠନ୍ତି ପ୍ରତ୍ୟେକ ନାଟକର ହିରୋ ଓ ହିରୋଇନ୍ । ଯେଉଁ ନାଟକରେ Supporting minor roles ପ୍ରକୃତ ଭାବେ ଚରିତ୍ରାୟିତ ନ ହୁଏ, ତାହେଲେ ସେ ନାଟକରେ ରସଭଙ୍ଗ ଘଟେ ।

ଆଶା—ତାହେଲେ ଆମମାନଙ୍କୁ ନେଇ ଆପଣ ରଙ୍ଗମଞ୍ଚରେ ରସ ସୃଷ୍ଟି କରିବାକୁ ଚାହୁଁଛନ୍ତି ?

ମ୍ୟାନେଜର—exactly ଆଶାଦେବୀ ! ଗୋଟିଏ ରସ ନୁହେଁ, ନବରସ ସୃଷ୍ଟି କରାଯିବ ।

ଆଶା—ଆପଣ ସେ ପ୍ରକାର ଆଶା ଆମଠାରୁ କରିବା ଉଚିତ୍ ନୁହେଁ ।

ମ୍ୟାନେଜର—But ଆଶାଦେବୀ...You can not make us ନିରାଶ ।

ଆଶା—ରସସୃଷ୍ଟି କରିବା ପୂର୍ବରୁ, ଏ ପର୍ଯ୍ୟନ୍ତ ଆମ ମୁହଁ ପାଖରେ ରସଗୋଲା ତ ଦୂରର କଥା, ଗୋଟିଏ କପ୍ ଗରମ ଚା ମଧ୍ୟ

Digitized by srujanika@gmail.com

ଚହଳିଲ ନାହିଁ । ଏତେ ନଗ୍ନତା ମଧ୍ୟରେ ଆମଦ୍ୱାରା ରସସୃଷ୍ଟି ହୋଇପାରିବ ନାହିଁ···

ମ୍ୟାନେଜର—ବୀଭତ୍ସ, ଅତି ବୀଭତ୍ସ ରସର ସୃଷ୍ଟି କଲ ଆଶା ଦେବୀ···Simply ବୀଭତ୍ସ ରସ ।

ଆଶା—ଏ ବୀଭତ୍ସତା ମଧ୍ୟରେ ଆଉ ରହିବାକୁ ମୋତେ ଇଚ୍ଛା ହେଉ ନାହିଁ । ନାଟକରେ କୌଣସି Important ରୋଲ୍ ଦେଉ ନାହିଁ ବୋଲି ଡିରେକ୍ଟରଙ୍କଠାରୁ ଆରମ୍ଭ କରି ସେକ୍ରେଟାରୀ, ମ୍ୟାନେଜର, even ଆମ ସାଙ୍ଗର ସୁଚିତ୍ରା ମଧ୍ୟ ମୁହଁ ଟେକି ଟିକିଏ ଚାହିଁ ଦେଉ ନାହିଁ । ସେ idiot ବେହେରାଟା ବି ସେମିତି । କିଛି କାମ ନ ଥାଉ ପଛେ ସେମାନଙ୍କ ମୁହଁକୁ ଆଁ କରି ଅନେଇଚି, କିନ୍ତୁ ମୁଁ ହଜାର ଥର ଡାକିଲିଣି ହାତରୁ ପଇସା ଦେଇ ବାହାରୁ କପେ ଚା' ମଗାଇବାକୁ, ତଥାପି ମୋ କଥାଟା ତା କାନ ପାଖରେ ପହଞ୍ଚିପାରୁ ନାହିଁ ।

ମ୍ୟାନେଜର—Really pathetic, very pathetic—ମାନେ କରୁଣ ରସ ଆଶା ଦେବୀ—ବଡ଼ କରୁଣ ରସ ସୃଷ୍ଟି କଲେ ।

ଆଶା—Shut up ମ୍ୟାନେଜର ବାବୁ, ଚା ଟିକିଏ ନ ପାଇ ମଣିଷର ମିଜାଜ୍ ଗରମ ହେଲା ବେଳକୁ ଆପଣଙ୍କର ରୁଚିଲା ରସକଥା ।

ମ୍ୟାନେଜର—match stick ଆଶାଦେବୀ, ମ୍ୟାଚ୍‌ଷ୍ଟିକ୍ ପରି ଜଳିଉଠିଲ । ତା'ର ତାପଟା ମୋ ଦେହରେ ଆସି ଚଟ୍ କରି ଲାଗିଗଲା···ଆହା—ହଁ—ହଟ୍ ମାନେ ରୌଦ୍ର ରସ, ରୌଦ୍ରରସ ।

ଆଶା—ତା'ହେଲେ ଆପଣ କ'ଣ କହୁଛନ୍ତି ?

Digitized by srujanika@gmail.com

ମ୍ୟାନେଜର—କିଛି ନାହିଁ । ଆପଣ ଏଇଠି-ବସନ୍ତୁ । ମୁଁ ସବୁ ବ୍ୟବସ୍ଥା ଠିକ୍ କରି ଦେଉଛି···ବେହେରା, ବେହେରା; Idiot ବେହେରାଟା ବି ଏତେବେଳେ କେଉଁଆଡ଼େ ଅନ୍ତର୍ଦ୍ଧାନ ! If you do not mind ଆଶାଦେବୀ ଟିକିଏ ବସନ୍ତୁ । ବେହେରା ଯେତେବେଳେ ନାହିଁ ଅଗତ୍ୟା ମୋତେ ହିଁ ବେହେରା ସାଜିବାକୁ ପଡ଼ିବ । କାରଣ ମୁଁ ମ୍ୟାନେଜର, କଥାଟାକୁ ଯେ କୌଣସି ପ୍ରକାର ମ୍ୟାନେଜ୍ କରିବାକୁ ପଡ଼ିବ ।

ଆଶା—ଆପଣ ବର୍ତ୍ତମାନ କେଉଁ ରସର ସୃଷ୍ଟି କରିବାକୁ ଯାଉଛନ୍ତି ମ୍ୟାନେଜର୍ ବାବୁ ।

ମ୍ୟାନେଜର—ଶାନ୍ତରସ—କାରଣ ଆପଣଙ୍କ ଉଦର-ଶାନ୍ତିପାଇଁ ଯାହା ବ୍ୟବସ୍ଥା କରିବାକୁ ହେବ ସେଥିପାଇଁ ମୁଁ ବାହାରେ ପଡ଼ିଲି । One minute please.

(ପ୍ରସ୍ଥାନ ଓ ପୁନଃ ପ୍ରବେଶ—ଗୋଟିଏ ହାତରେ ଜଳଖିଆ ହାଣ୍ଡି ଓ ଅନ୍ୟ ହାତରେ ବଡ଼ ଗୁ କ୍ୟାଟିଲରେ ଗୁ)

ଏଇ ନିଅନ୍ତୁ ଆଶାଦେବୀ !

ଆଶା—ଏକା ମୋପାଇଁ ଏତେ ଗୁଡ଼ାଏ । ହେଁ ପୁଣି କେଉଁ ରସର ଅଭିନୟ କରୁଛନ୍ତି ମ୍ୟାନେଜର ବାବୁ—

ମ୍ୟାନେଜର—କହିପାର ଅଦ୍ଭୁତ—

ଆଶା—ସତେ ମ୍ୟାନେଜରବାବୁ, ଆପଣ ଜଣେ ଅଦ୍ଭୁତ ଲୋକ ।

ମ୍ୟାନେଜର—ସେମିତି ଅଦ୍ଭୁତ ବୋଲି ଏହି ଅଦ୍ଭୁତ porfolioଟା ମୋ ଜିମା ଦେଇଛନ୍ତି ନା—(କିଛି ଜଳଖିଆ ବଢ଼ାଇଦେବା)

Digitized by srujanika@gmail.com

ଆଶା—ଦେଖନ୍ତୁ, ଆପଣ ଡ୍ରାମାରେ ପାର୍ଟନେଲେ ନାହିଁ କାହିଁକି ?

ମ୍ୟାନେଜର—ମୋ ପାର୍ଟ ପ୍ଲେ କରିବାର ଲୋକ ଅଭାବ ପଡ଼ିବାରୁ ।

ଆଶା—ନା-ନା; ଆପଣଙ୍କର ଅଭିନୟ କରିବାରେ ଯେଉଁ ପଟୁତା ଅଛି, ଅନ୍ତତଃ ଆପଣଙ୍କୁ ଏ ନାଟକର ହିରୋ ରୋଲ୍ ଦେବା ଉଚିତ ଥିଲା ।

ମ୍ୟାନେଜର—ତାହାହେଲେ ଆପଣଙ୍କ ରୋଲଟା Change କରିବାକୁ ପଡିଥାଆନ୍ତା ।

ଆଶା—କାହିଁକି, ଆପଣ କଣ ଆଶା କରୁଛନ୍ତି ମୁଁ ଅନ୍ୟ କୌଣସି ରୋଲ୍‌ରେ ପାରି ନ ଥାନ୍ତି ।

ମ୍ୟାନେଜର—ଆପଣଙ୍କ ଆଶାଟା ଏକାବେଳକେ ଦୁରାଶା ନୁହେଁ ଆଶାଦେବୀ ! ମୁଁ ଯଦି ହିରୋ ରୋଲ୍‌ରେ ଅଭିନୟ କରିଥାନ୍ତି ଆପଣ ନିଶ୍ଚୟ ହିରୋଇନ୍ ରୋଲ୍‌ଟା ନେଇଥାନ୍ତେ ।

ଆଶା—ଏହା ମଧ୍ୟରେ କେଉଁ ରସର ସୃଷ୍ଟି କରୁଚନ୍ତି ମ୍ୟାନେଜର ବାବୁ ?

ମ୍ୟାନେଜର—ତା କଣ ବୁଝିପାରୁ ନାହାନ୍ତି ଆପଣ—ଏ ରସକଥା ଏଠାରେ ଫିଟାଇ କହିବା ଉଚିତ ନୁହେଁ । କଣ କିଛି ବୁଝିପାରିଲେ ? (ଦୁହେଁ ହସି ଉଠିବା)

(ମଞ୍ଚ ଅନ୍ଧକାର ହୋଇଗଲା)

Digitized by srujanika@gmail.com

ଦୃଶ୍ୟାନ୍ତର

□

(ଅଶୋକ କାନନ ପୂର୍ବଦୃଶ୍ୟ)

ଅଶୋକ—ତୁମେ ସମସ୍ତ କଥା ବୁଝି ମଧ୍ୟ ଯଦି ଏହା କହିବ, ତାହେଲେ ସେ ସାଧନାର କପାଳ ଆଉ ମୋର ଭାଗ୍ୟ ।

ଉଦୟ—ଦେଖନ୍ତୁ, ବ୍ୟାପାରଟା ବର୍ତ୍ତମାନ ଜଟିଳ ହୋଇଯାଇଛି । ସେଇଟା କୌଣସି ମାରାତ୍ମକ stage ରେ ପହଂଚ ନାହିଁ ।

ଅଶୋକ—କିନ୍ତୁ ତାର ଗତିଟା ଯେ ସେହି ଦିଗକୁ, ସେଇଟା ନିଶ୍ଚୟ ଅସ୍ୱୀକାର କରିପାରିବ ନାହିଁ ।

ଉଦୟ—ସେ ବିଷୟରେ ଏତେ ଚଞ୍ଚଳ କୌଣସି ମତାମତଟା ଦେବା ଅନ୍ୟାୟ ହେବ । ତା ପୂର୍ବରୁ ରୋଗର ପୂର୍ଣ୍ଣ ଇତିହାସଟା ଜାଣିବା ଦର୍କାର ।

ଅଶୋକ—ସେ ଦାୟିତ୍ୱ ତୁମେ ସ୍ୱଇଚ୍ଛାରେ ମୁଣ୍ଡକୁ ନେଇଥିଲ । ସେଇ ଦିନଠୁ ମୁଁ ସାଧନାର ଦାୟିତ୍ୱ ଏକରକମ ତୁମ ଉପରେ ଛାଡ଼ିଦେଇଛି, ଏଣିକି ତୁମର ଇଚ୍ଛା ।

ଉଦୟ—ସେ ଦାୟିତ୍ୱ ତୁଲାଇବାକୁ ମୁଁ କେବେ ଅସ୍ୱୀକାର କରି ନାହିଁ, ଏବେ ମଧ୍ୟ ଅସ୍ୱୀକାର କରୁନାହିଁ । କିନ୍ତୁ ମୁଁ ଟେଲିଗ୍ରାମଟା କରିଦେଇ ପାରିବ ଯେତେବେଳେ ମୋତେ ଯିବାକୁ ପଡ଼ିବ ।

ଅଶୋକ—ଦେଖନ୍ତୁ ଉଦୟବାବୁ, ଆପଣଙ୍କୁ ମୋର ଯାହା କହିବା କଥା, ତା ମୁଁ କହି ସାରିଛି । ଆପଣ ପାଣିରେ ଗଛଟିକୁ ଆଜଯାଏ ବଢ଼ାଇ ଆଣିଥିଲେ । ଆପଣ ବୃଦ୍ଧ ହୁଁଛନ୍ତି ତାକୁ

Digitized by srujanika@gmail.com

ମୂଳକୁ ଉପାଡ଼ି ଦେବାକୁ—ବଇନ୍ତୁ, ସେଥିରେ ମୋର ଟିକିଏ ହେଲେ ଆପତ୍ତି ନାହିଁ ।

ଉଦୟ—ସେଠାକାର ଅବସ୍ଥା ବର୍ତ୍ତମାନ କଣ ହୋଇଥିବ ଆପଣ ଅନୁମାନ କରିପାରୁ ନାହାନ୍ତି ଅଶୋକବାବୁ ।

ଅଶୋକ—କିଛିକ୍ଷଣ ପୂର୍ବରୁ ଏଠାକାର ଅବସ୍ଥା ଯାହା ହୋଇଥିଲା ଆପଣ ନ ଥିଲେ ଯେ କଣ ହୋଇଥାନ୍ତା, ତା ଭଗବାନଙ୍କ ଛଡ଼ା କେହି କହି ପାରିବେ ନାହିଁ ।

ଉଦୟ—Excuse me ଅଶୋକ !

ଅଶୋକ—ଉଦୟବାବୁ, ତାହାହେଲେ କଣ ଧରିନେବି—ସାଧନାର ଅନୁମାନଟା ଏକାବେଳକେ ଅମୂଳକ ନୁହେଁ ?

ଉଦୟ—ଆପଣ ଯାହା ଅନୁମାନ କରିପାରନ୍ତି । କିନ୍ତୁ ସ୍ଥିର କରି ସାରିଛି, ଏ ପ୍ରକାର ପରିସ୍ଥିତି ମଧ୍ୟରେ ସାଧନାର ଚିକିତ୍ସାଟା ମୋର ହାତକୁ ନେବା ଉଚିତ ନୁହେଁ । କଟକ ଫେରିଗଲେ ମୁଁ ତାର ଅନ୍ୟ ବ୍ୟବସ୍ଥା କରିବି ।

ଅଶୋକ—ତା ନ କଲେ ମଧ୍ୟ ବିଶେଷ କ୍ଷତି ହେବନାହିଁ, ବରଂ ଆମପାଇଁ ଅଯଥା ଏତେ କଷ୍ଟ ସହିବା ତୁମର କିଛି ଆବଶ୍ୟକ ନାହିଁ ।

ଉଦୟ—ଅଶୋକବାବୁ ?

ଅଶୋକ—ଜାଣେ ଉଦୟବାବୁ, ତୁମଠାରେ ଆମର କିଛି ଅଧିକାର ନାହିଁ ।

ଉଦୟ—ସେ ଅଧିକାରରୁ ମୁଁ ନିଜକୁ ତ ଏ ପର୍ଯ୍ୟନ୍ତ ମୁକ୍ତ କରି ନେଇନାହିଁ ।

Digitized by srujanika@gmail.com

ଅଶୋକ—ତେବେ ମୁଁ ପଚାରୁଚି ଉଦୟବାବୁ, ତୁମେ କାହିଁକି ସାଧନାକୁ ସେ ଇନ୍ତଲେଇର ଶ୍ମଶାନ ମଧ୍ୟରୁ ଗୋଟାଇ ଆଣିଲ ? ବାପା ଯାଇଥିଲେ, ବୋଉ ଯାଇଥିଲ, ସେ ଦୁଃଖ ସମ୍ଭାଳି ପାରିଲି, ଆଜି କଣ ଏ ଅଭାଗୀଟାର ମୃତ୍ୟୁ ଖବରଟା ମୁଁ ସହି ପାରି ନ ଥାନ୍ତି ।

ଉଦୟ—ଅଶୋକବାବୁ !

ଅଶୋକ—କୁହ ଉଦୟବାବୁ, ସାଧନାର ଅର୍ଦ୍ଧମୃତ ଶରୀରଟାକୁ ଗୋଟାଇ ଆଣି ସେଥିରେ ଯେଉଁ ଜୀବନ୍ୟାସ କଲ, ସେଥିରେ ତୁମର କଣ ଉଦ୍ଦେଶ୍ୟ ଥିଲା ? କଣ ଖାଲି ଟିକିଏ ମାୟାମମତା ଲଗାଇ ଦେଇ ଜୀବନଟାକୁ ଦନ୍ଧଗଞ୍ଜି କରିବାପାଇଁ ତୁମେ ଚାହିଁଥିଲ ?

ଉଦୟ—ଅଶୋକବାବୁ, ଭାବପ୍ରବଣତାର ମଧ୍ୟଦେଇ କୌଣସି କାର୍ଯ୍ୟର ପ୍ରତିକାର ହୋଇ ପାରେନା । ମୁଁ ଏବେ ମଧ୍ୟ ଆଉଥରେ ଆପଣଙ୍କୁ କହୁଚି—ସାଧନା ବିଷୟରେ ମୁଁ ଆପଣଙ୍କ ନିକଟରେ ଯେଉଁ ଶପଥ କରିଚି, ସେଥିରୁ ମୁଁ ଟଳେ ହେଲେ ପଶ୍ଚାତ୍‌ପଦ ହୋଇନାହିଁ, ନଚେତ୍ ହୁଏତ ଆଜି—

ଅଶୋକ—ନଚେତ୍ ଆଜି ହୁଏତ ସେହି ବିଖ୍ୟାତ ବାରିଷ୍ଟରଙ୍କ ଏକମାତ୍ର କନ୍ୟା ଶ୍ରୀମତୀ ସୁଚରିତା ଦେବୀଙ୍କ ପ୍ରସ୍ତାବକୁ ସାଦର ଅଭିନନ୍ଦନ ଜଣାଇ ସାରନ୍ତିଣି ।

ଉଦୟ—Exactly ଅଶୋକବାବୁ, ସେ ପ୍ରତ୍ୟେକ ସମାଜରେ ଆମ ସ୍ତରର ଲୋକଙ୍କ ପକ୍ଷରେ କମ୍ ନୁହେଁ ।

Digitized by srujanika@gmail.com

ଅଶୋକ—କଣ ପ୍ରଫେସରଟି ସୂଚନା ଦେବା ସ୍ୱୟଂ ନା ତାଙ୍କ ବାପାଙ୍କର ବ୍ୟାଙ୍କ ବାଲାନ୍‌ସଟା ।

ଉଦୟ—I can say both—ମାନେ କେହି କାହାଠାରୁ କୌଣସି ଗୁଣରେ କମ୍ ନୁହେଁ ।

ଅଶୋକ—But here, you have to be disapointed in both. ଏକେତ ରୁଗ୍‌ଣା ସାଧନା—ତାପରେ Nill Bank Balance.

ଉଦୟ—ସେଇ କଥା ମୋତେ ଯେବେ ସମ୍ଭଇଥିଲେ ସୂଚନାଙ୍କର ବାପା । ଯେବେ ମୋତେ ଗୃହ୍ଣା ପାଇଁ ନିମନ୍ତ୍ରଣ କରିଥିଲେ । ତାଙ୍କର ବାରିଷ୍ଟର ବୁଦ୍ଧି ଖଟାଇ ପ୍ରମାଣ କରାଇବାକୁ ଚାହିଁଥିଲେ ଏ ଦୁନିଆରେ ମଣିଷ ହେବାକୁ ହେଲେ ଯାହା କିଛି ଆବଶ୍ୟକ, ତାହା ମୁଁ ପାଇପାରିବ ସୂଚନାର ହାତ ଧରିଲେ ।

ଅଶୋକ—ତୁମେ ସେ ପ୍ରସ୍ତାବରେ ରାଜିହେବା ଉଚିତ ଥିଲା ଉଦୟବାବୁ ।

ଉଦୟ—ସେଇକଥା ଆପଣ ଏକା କାହିଁକି ମୋର ବନ୍ଧୁମାନଙ୍କ ମଧ୍ୟରୁ ଅଧିକାଂଶ କହିଥିଲେ—ବିଚାର କରି ଉତ୍ତର ଦେବାପାଇଁ । ବାରିଷ୍ଟର ମହାଶୟ ମୋତେ ମଧ୍ୟ ସମୟ ଦେଇଥିଲେ ।

ଅଶୋକ—ତାହେଲେ ତୁମେ ତାଙ୍କ ପ୍ରସ୍ତାବରେ ସମ୍ମତି ଦେଇ ଆସ ଉଦୟବାବୁ ।

Digitized by srujanika@gmail.com

ଉଦୟ—କିନ୍ତୁ ମୁଁ ତାଙ୍କୁ ସ୍ପଷ୍ଟ ଜଣାଇ ଦେଇ ଆସିଚି ଅଶୋକବାବୁ ।

ଅଶୋକ—କଣ କହିଲେ ?

ଉଦୟ—A Big No.

ଅଶୋକ—ତୁମର ଶପଥପାଇଁ ତୁମେ ଯଦି ଏହା କରିଥାଅ, ମୁଁ ତୁମକୁ ସେଥିରୁ ମୁକ୍ତ ଦେଉଚି ।

ଉଦୟ—ଖାଲି ମୁକ୍ତ କହିଲେ ମୁକ୍ତ ମିଳେନା ଅଶୋକବାବୁ !

ଉଦୟ—ତେବେ କଣ ଚାହିଁ ?

ଉଦୟ—ମୋର ଶପଥ କାହାପାଇଁ ଜାଣନ୍ତି ତ ?

ଅଶୋକ—ସାଧନା କଥା ତ—ସାଧନାକୁ ମୁଁ କହିବି ।

(ଚା' ହାତରେ ସାଧନାର ପ୍ରବେଶ)

ସାଧନା—ମୋତେ ଆଉ କିଛି କହିବା ଦରକାର ନାହିଁ ଭାଇ—ଏଇ ତୁମର ଚା' ।

ଅଶୋକ—ସାଧନା !

ସାଧନା—କ'ଣ, କାହିଁକି ମୁଁ ଉଠି ଆସିଲି ସେଥିପାଇଁ ପଚାରୁଛ ତ ?

ଅଶୋକ—ନାଁ, ସେକଥା ନୁହେଁ—

ସାଧନା—ଚୁପ୍‌କରି ଚା'ଟା ଥୋଇ ଦେଇ ଯିବି, ବେଶି ବକାବକି କରିବି ନାହିଁ—ଏକଥା କହୁଛ ତ ଭାଇ !

ଅଶୋକ—ନା—ତା ବି ନୁହେଁ—ମୁଁ କହୁଥିଲି କି···

ଉଦୟ—ଅଶୋକବାବୁ !

Digitized by srujanika@gmail.com

ସାଧନା—କ'ଣ, ଚୁପ୍ ହେଲେ କାହିଁକି, କୁହ ନା ଘରେ କଣ କହୁଥିଲ ?

ଅଶୋକ—ମୁଁ କହୁଛି, ଉଦୟବାବୁ ଯା'ନ୍ତୁ ।

ସାଧନା—ମୁଁ ବି ପଚାରୁଛି, ସେ ଏ ପର୍ଯ୍ୟନ୍ତ ଯାଇ ନାହାନ୍ତି କାହିଁକି ?

ଉଦୟ—ଯଦି ମୋର ଯିବାଟା ସ୍ୱତଃସିଦ୍ଧ ବୋଲି ଧରି ନେଇଥିଲ, ତାହେଲେ ବ'କଫ ଗୃ'ର ବ୍ୟବସ୍ଥା କାହିଁକି କରିଥିଲ ?

ସାଧନା—ଗୃ'ର ଚନ୍ଦାଟା ତାହେଲେ ଆପଣଙ୍କ ନାକ ପର୍ଯ୍ୟନ୍ତ ଆସି ଯାଇଥିଲା…

ଉଦୟ—ଏଥର ବୁଝି କର, ବାରିଷ୍ଟରଙ୍କ ପ୍ରସ୍ତାବରେ ମୁଁ କାହିଁକି ସହଜରେ ରାଜି ହୋଇ ପାରିଲି ନାହିଁ ।

ଅଶୋକ—ସାଧନା, ମୋ ମତରେ ଉଦୟବାବୁଙ୍କୁ ଏଠି ଅଟକାଇ ରଖିବା ଉଚିତ ହେଉନାହିଁ ।

ଉଦୟ—ମୁଁ ମଧ୍ୟ କହୁଚି ସାଧନାର ବର୍ତ୍ତମାନ ସ୍ୱାସ୍ଥ୍ୟ ଦୃଷ୍ଟିରୁ, ଆପଣମାନଙ୍କୁ ମଧ୍ୟ ଏଠାରେ ଏ ପ୍ରକାର ଅସହାୟ ଅବସ୍ଥାରେ ଛାଡ଼ିଯିବା ମଧ୍ୟ ମୋର ଉଚିତ ହେଉନାହିଁ ।

ସାଧନା—ତେଣେ ଆପଣଙ୍କ ନାଟକ ଅବସ୍ଥା କ'ଣ ହେବ ?

ଉଦୟ—ଏଣେ ତୁମର ଅବସ୍ଥା, ତେଣେ ନାଟକର ଅବସ୍ଥା । ଦୁଇ ଅବସ୍ଥାକୁ ସୁଧାରିବାପାଇଁ ମୋର ଯେ ଅବସ୍ଥା କଣ ହେବ ମୁଁ ଏ ପର୍ଯ୍ୟନ୍ତ ଠିକ୍ କରି ପାରୁ ନାହିଁ ।

ଅଶୋକ—ସବୁ ଠିକ୍ ହୋଇଯିବ । ତୁମେ ଯିବାକୁ ଠିକ୍ କର, ମୁଁ ତେଣେ ତାର ବ୍ୟବସ୍ଥା ଦେଖୁଚି ।   (ପ୍ରସ୍ଥାନ)

Digitized by srujanika@gmail.com

ଉଦୟ—ସାଧନା !

ସାଧନା—କଣ ଯିବା କଥା ଯଦି ବାହାରିପଡ଼ି—ନ ଯିବା କଥା ଯଦି ରୋକିଦେଇବାପରି ବ୍ୟବସ୍ଥା କରିବାକୁ ପଡ଼ିବ ।

ଉଦୟ—ମୋ କଥାରେ ତୁମ ମନରେ ବଡ଼ ଦୁଃଖ ହେଉଚି, ନାହିଁ ସାଧନା !

ସାଧନା—ନାହିଁତ, ବରଂ ମୁଁ ତୁମକୁ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରି ବିବ୍ରତ କରି ଦେଉଚି । ସେଇଥିପାଇଁ ହୁଏତ ତୁମେ ଯିବାପାଇଁ ଏତେ ଜିଦ୍ ଧରି ବସିଚ ।

ଉଦୟ—ସାଧନା, ତୁମେ କ'ଣ ଚାହଁ ମୁଁ ନ ଯାଏ···

ସାଧନା—ଯେପରି ମୋ କଥାରେ ସବୁ ନିର୍ଭର କରେ ।

ଉଦୟ—ଯଦି ସେ ଦାୟିତ୍ୱଟା ତୁମ ଉପରେ ଛାଡ଼ିଦିଏ !

ସାଧନା—କିନ୍ତୁ ମୁଁ ତ ତାହା ଚାହୁଁ ନାହିଁ ।

ଉଦୟ—ମାନେ ?

ସାଧନା—ମୁଁ ଚାହେଁନା ତୁମକୁ କୌଣସି ଆଦେଶ କରିବାକୁ, ବରଂ ସବୁବେଳେ ଅପେକ୍ଷା ରଖିଥାଏ ତୁମର ଆଦେଶକୁ ।

ଉଦୟ—ବେଶ୍, ତେବେ writing padଟା ଆଣିଲ ।

ସାଧନା—କଣ କେଉଁଠିକି ଚିଠି ଲେଖିବ ?

ଉଦୟ—ହଁ, ତା ପୂର୍ବରୁ ତୁମକୁ ମଧ୍ୟ କେତେକ କଥା ନିଃସଙ୍କୋଚରେ ମୋ ଆଗରେ ପ୍ରକାଶ କରିବାକୁ ପଡ଼ିବ ।

ସାଧନା—ସେ ସଙ୍କୋଚ ତ ତୁମ ପାଖରେ ମୁଁ କେବେ କରିନାହିଁ ।

Digitized by srujanika@gmail.com

ଉଦୟ—ମୁଁ ଆଉ ଥରେ ତୁମ ମୁହଁରୁ ଶୁଣିବାକୁ ଚାହେଁ ତୁମର ପିଲ୍‌ଦିନର କାହାଣୀ ।

ସାଧନା—ବେଶ୍, ବର୍ତ୍ତମାନ କହୁଛ ।

ଉଦୟ—ତୁମର ମନେ ଅଛି ସାଧନା, ମୋ ସହିତ ଯେଉଁ ଦିନ ପ୍ରଥମ ସାକ୍ଷାତ୍ ।

ସାଧନା—କାହିଁକି ଉଦୟବାବୁ ?

ଉଦୟ—କାହିଁକି ନୁହେଁ ସାଧନା, ତୁମକୁ କହିବାକୁ ହେବ ।

ସାଧନା—ସେ କଥାଟା ନ କହିଲେ କଣ ଚଳିବ ନାହିଁ । ସେ କଥା ଭାବିଲା ବେଳକୁ ମୋର ମୁଣ୍ଡ କଣ ହୋଇ ଯାଉଛି ।

ଉଦୟ—ସେଇ ରନ୍ତଲେଇର ବିରାଟ ଚଢ଼ଆ ମଝିରେ···

ସାଧନା—ବନ୍ଦକର ଉଦୟବାବୁ···

ଉଦୟ—ସେଇ ମଡ଼ାକୁଡ଼ ଭିତରେ ତୁମେ ମୋତେ କଣ କହିଥିଲ ମନେଅଛି ?

ସାଧଧା—ଉଦୟବାବୁ ! (ଚିତ୍କାର କରି ଉଠି ଅଚେତ ହୋଇଯିବା)

ଉଦୟ—ସାଧନା !···

Digitized by srujanika@gmail.com

ଦୃଶ୍ୟାନ୍ତର

□

[ଅଶୋକ କାନନର ଏକ ବାରଣ୍ଡା ।
ବ୍ୟସ୍ତ ମନରେ ପଦକ୍ଷେପ କରୁଥିଲେ
ଅଶୋକ—ପ୍ରବେଶ କଲେ ଡାକ୍ତର ଗୁପ୍ତ···]

ଡାକ୍ତର ଗୁପ୍ତ—ନମସ୍କାର !

ଅଶୋକ—(ଚମକିତ ଓ ଅନ୍ୟମନସ୍କ ଭାବେ) ନମସ୍କାର ।

ଡା: ଗୁପ୍ତ—ଏଇଟା ଅଶୋକ କାନନ ନା···

ଅଶୋକ—(ସାଧାରଣ ଶିଷ୍ଟାଚାର ରକ୍ଷା କରିବାର ଅବସ୍ଥାରେ ନ ଥାଇ) ଗେଟ୍ ପାଖରେ ସାଇନ୍ ବୋର୍ଡଟା ପଢ଼ି ପାରି ନାହାନ୍ତି ବୋଧହୁଏ ।

ଡା: ଗୁପ୍ତ—ଅଶୋକବାବୁଙ୍କ ସଙ୍ଗେ କାମ ଥିଲା···

ଅଶୋକ—ବେଶ୍ କହିପାରନ୍ତି···

ଡା: ଗୁପ୍ତ—ଆପଣ ତାହେଲେ ଅଶୋକବାବୁ—ନମସ୍କାର ।

ଅଶୋକ—ନମସ୍କାର ଆଜ୍ଞା—ଆପଣ କଣ ଗୃହାନ୍ତି ?

ଡା: ଗୁପ୍ତ—ଆପଣଙ୍କଠାରୁ ଆମେ ଆଶାନୁରୂପ ସାହାଯ୍ୟ ପାଇବୁ ବୋଲି ଆଶା କରୁଚୁ ।

ଅଶୋକ—ସେ ପ୍ରକାର କୌଣସି ସାହାଯ୍ୟର ପ୍ରତିଶ୍ରୁତି ମୁଁ ଦେଇପାରୁ ନାହିଁ ଆପଣଙ୍କୁ ।

ଡା: ଗୁପ୍ତ—ଆପଣଙ୍କ ପରି ଶିକ୍ଷିତ ଲୋକ ଯଦି ଦଶର ତଥା ଦେଶର ଉପକାର ପାଇଁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ଅସମର୍ଥ

Digitized by srujanika@gmail.com

ହେବେ, ତାହେଲେ ଆମ ସମାଜ ତଥା ଦେଶର ଉନ୍ନତି ହେବ କପରି ?

ଅଶୋକ—ଦେଖନ୍ତୁ, ବର୍ତ୍ତମାନ ଅବସ୍ଥାରେ ମୁଁ ମୋ ନିଜପାଇଁ, ଏବଂ ନିଜ ଭଉଣୀପାଇ କିଛି କରିବାକୁ ଯେତେବେଳେ ଅସମର୍ଥ, ସେତେବେଳେ ଅପରପାଇଁ କଣ କରିପାରେ ?

ଡା: ଗୁପ୍ତ—ଆପଣ ବିବ୍ରତ ଥିଲପରି ଜଣାପଡ଼ୁଚନ୍ତି ।

ଅଶୋକ—ଖାଲି ବିବ୍ରତ ନୁହେଁ, ଖୁବ୍ ବିବ୍ରତ—ମାନେ ଅତି ସାଧାରଣ ଭାବରେ ବିବ୍ରତ ଅଛି କହିଲେ ଅତିରଞ୍ଜିତ ହେବ ନାହିଁ ।

ଡା: ଗୁପ୍ତ—ତାହେଲେ ଆପଣଙ୍କୁ Disturb କରିବା ଅନ୍ୟାୟ ହୋଇଚି···

ଅଶୋକ—ନିଶ୍ଚୟ ହୋଇଚି; ଶହେବାର ନୁହେଁ, ହଜାରେ ବାର ଅନ୍ୟାୟ ହୋଇଚି ।

ଡା: ଗୁପ୍ତ—କ୍ଷମା କରିବେ ସାର୍, ତାହେଲେ ମୁଁ ଆସେ । ଅନ୍ୟ ଥର ଆସିଲେ ସୁବିଧା ମୁତାବକ ଆପଣଙ୍କ ସହିତ କଥାବାର୍ତ୍ତା ହୋଇପିବ ।

ଅଶୋକ—କଥାବାର୍ତ୍ତା ଥିଲା ? କଣ କିଛି ଜରୁରୀ ବିଷୟରେ ?

ଡା: ଗୁପ୍ତ—ଜରୁରୀ, ହଁ ଜରୁରୀ ନୁହେଁ କଣ ! ଏ ଅଞ୍ଚଳର ଅବସ୍ଥା ଯାହା, ସେଥିଦୃଷ୍ଟିରୁ କଥାଟା ନିଶ୍ଚୟ ଜରୁରୀ ।

ଅଶୋକ—କେଉଁ ବିଷୟ ଆପଣ କହୁଛନ୍ତି ?

ଡା: ଗୁପ୍ତ—Anti-malaria campaign.

ଅଶୋକ—କୁଇନାଇନର ପ୍ରଡ଼କ୍‌ସନ୍ ବଢ଼ାଇଦେଲେ ମ୍ୟାଲେରିଆ ରୋଗ ନିର୍ମୂଳ ହୋଇପିବ ।

Digitized by srujanika@gmail.com

ଡା. ରାଓ—ଆମ campaignର ମୂଳ ଲକ୍ଷ୍ୟ ତା ନୁହେଁ ।

ଅଶୋକ—ମ୍ୟାଲେରିଆ ଜୀବାଣୁ ଧ୍ୱଂସ କରିବାର ମୂଳ ଔଷଧ ଯେ କୁଇନାଇନ, ତାହାତ ଅସ୍ୱୀକାର କରି ପାରିବେ ନାହିଁ ।

ଡା. ରାଓ—ତାହେଲେ ଆମ ଦେଶର ଲୋକମାନଙ୍କୁ ଗୋଟିଏ କୁଇନାଇନର ମଣିଷ କଲେ ହୁଏତ ମ୍ୟାଲେରିଆ ପ୍ରୁଫ୍ ହୋଇପାରନ୍ତା ।

ଅଶୋକ—ତାହେଲେ ଆପଣଙ୍କ campaignର ଉଦ୍ଦେଶ୍ୟ ?

ଡା. ରାଓ—Prevention is better than cure— ଏଇଟା ଆପଣ ଅସ୍ୱୀକାର କରିବେନ ।

(ପ୍ରବେଶ କଲେ ଉଦୟ)

ଉଦୟ—ମୋ ପ୍ରସ୍ତାବଟା ଅସ୍ୱୀକାର କଲେ ଅବସ୍ଥା କଣ ହେବ ବୁଝିପାରୁଛ ଅଶୋକ···

ଡା. ରାଓ—କିଏ, ଉଦୟ ।

ଉଦୟ—କିଏ ଡା· ରାଓ—ନମସ୍କାର । ଆପଣ ଏଠି ?

ଡା. ରାଓ—ମୁଁ ମଧ୍ୟ ତୁମକୁ ଠିକ୍ ସେଇ କଥା ପଚାରୁଚି—ତୁମେ ଏଠି କେମିତି ?

ଉଦୟ—ମୋ ପରି ମଣିଷଟିଏ କଣ ଏ ଭିତରେ ରହି ନପାରନ୍ତି ?

ଡା. ରାଓ—ସେ କଥା ମୁଁ ପଚାରୁନି ଉଦୟ—ଆଜି ଯେ ମେଡ଼ିକାଲ କଲେଜର ଡ୍ରାମାଟିକ୍ ସୋସାଇଟିର ପ୍ଲେ—ନିମନ୍ତ୍ରଣ ଚିଠି ସବୁତ ମିଳି ସାରିଚି । ତା ସଙ୍ଗରେ ଯେଉଁ ପ୍ରୋଗ୍ରାମଟା ଅଛି;

Digitized by srujanika@gmail.com

ସେଥିରେ ତ ମୁଁ ପଢିଥିଲି ତୁମେ ସେ ଡ୍ରାମାରେ ଅଂଶ ଗ୍ରହଣ କରୁଛ, ବୋଧହୁଏ ନାଟକର ହିରୋ ହିସାବରେ ।

ଉଦୟ—ସବୁ ହୋଇଛି ଡ଼ା: ରାୟ, କିନ୍ତୁ ଏଣ୍ଣ ସ୍ଥାନରେ ଯେଉଁ ନାଟକ ଚାଲିଛି, ତା ଶେଷ ନହେଲାପାଏ ବୋଧହୁଏ ମୁଁ ସେ ନାଟକରେ ଅଂଶ ଗ୍ରହଣ କରି ପାରୁନାହିଁ ।

ଡ଼ା· ରାୟ—ମାନେ, ଆପଣ ଛାଡ଼ିଦେବେ ଯାଉ ନାହାନ୍ତି ?

ଉଦୟ—ସେ ବିଷୟରେ ଏବେ ମଧ୍ୟ ବିଚାର ଚାଲିଛି । ଅଶୋକ-ବାବୁଙ୍କର ଭଉଣୀ ସାଧନାର ଶରୀର ଅବସ୍ଥା ଯାହା···

ଡା· ରାୟ—Can I be of any helf,

ଉଦୟ—That's very kind of you Dr. Roy· କିନ୍ତୁ ଆପଣ କହିଲେ ନାହିଁ ତ କି ଉଦ୍ଦେଶ୍ୟରେ ହଠାତ୍ ଏଠି ? ଆରେ ଅଶୋକ, ଡା· ରାୟଙ୍କୁ ଏପର୍ଯ୍ୟନ୍ତ ବସିବାକୁ ଆସନ ଖଣ୍ଡିଏ ମଧ୍ୟ ଦେଇ ନାହଁ ।

ଡା: ରାୟ—ନା, କିଛି ଦରକାର ନାହିଁ । ଘରେ ଆସିଲେ କଥାବାର୍ତ୍ତା ।

ଉଦୟ—ଆପାତତଃ ଆପଣଙ୍କ ଅବସ୍ଥାନଟା···

ଡା· ରାୟ—ଆମ ପାର୍ଟିର Van ଭିତରେ—ସିଧା ସଳଖ ବାହାରି ଥିଲୁ ପ୍ଲେ ଦେଖିବାକୁ—ତୁମେ ତ ଜାଣ ଉଦୟ, ମୁଁ ଯେତେବେଳେ ମେଡ଼ିକାଲ କଲେଜର ଛାତ୍ର ଥିଲି ସୁହିଁରେ ରଙ୍ଗବୋଲି କେତେଥର ଡ୍ରାମାରେ ପାର୍ଟ କରିଛି । ନାଟକ ପ୍ରତି

Digitized by srujanika@gmail.com

ମୁଁ କେତେ intersted, କିନ୍ତୁ ବର୍ତ୍ତମାନ ତୁମେ ନଥାଇ ଥିବା ଶୁଣି ଭାବୁଚ ପିବାଠା ବନ୍ଦ ରଖିବ ନା ନାହିଁ ।

ଅଶୋକ—ସେଥିପାଇଁ ମୁଁ ଅନେକ ଆଗରୁ ଉଦୟବାବୁଙ୍କୁ ଅନୁରୋଧ କରିଚ ।

ଉଦୟ—କିନ୍ତୁ ଡା. ରାୟ; ପେସେଣ୍ଟଙ୍କୁ ଛାଡ଼ି ଅଭିନୟ କରି ପିବାଠାକୁ କ'ଣ ଆପଣ ପସନ୍ଦ କରନ୍ତି ।

ଡା. ରାୟ—ତାହେଲେ ଉଦୟ, ପେସେଣ୍ଟଙ୍କୁ ମୋ ଚାର୍ଜରେ ରଖି ତୁମେ ଯାଇପାର । କାରଣ ମୋର ମନେ ହୁଏ ତୁମର ଅନୁପସ୍ଥିତି ଫଳରେ ହୁଏତ ନାଟକ ଏକାବେଳକେ ବନ୍ଦ ହୋଇ ଯାଇପାରେ, ବରଂ ସେ ସୋସାଇଟିର ଜଣେ ଭୂତପୂର୍ବ ସଭ୍ୟ ହିସାବରେ ମୁଁ ଏଠାରେ ରହି ଏହି ଟିକକ ସାହାଯ୍ୟ ଯଦି କରି ପାରିବା ଦ୍ୱାରା ସୋସାଇଟିର ସୁନାମ ହେଲା, ସେଥିରେ ମଧ୍ୟ ମୋର ଗୌରବ ।

ଉଦୟ—କିନ୍ତୁ ଡା. ରାୟ, ଆପଣଙ୍କ ମନଠା···

ଡା: ରାୟ—That's nothing for a doctor. ଉଦୟ ତୁମେ ଯାଅ, ଜନତା ଏକସ୍‌ପ୍ରେସ ଧରି ପାରିବାକୁ ବାହାରି ପଡ଼; ଯଦି କହିବ ମୋର ଭ୍ୟାନଟା ତୁମକୁ ନେଇ ଷ୍ଟେସନରେ ଛାଡ଼ି ଦେଇ ଆସିବ ।

ଅଶୋକ—ବେଶ ଚାଲନ୍ତୁ ଉଦୟବାବୁ ।

ଉଦୟ—if you do not mind Dr Roy···

ଡା ରାୟ—ନିଃସଙ୍କୋଚରେ କହିପାର ଉଦୟ ।

Digitized by srujanika@gmail.com

ଉଦୟ—ଆପଣଙ୍କ Vanରେ accomodation କେତେ ?

ଡା. ରାୟ— ଓଃ ବୁଝିଲି, ତାହେଲେ ତ ଉଦୟ, ତୁମେ, ତୁମର ପେସେଣ୍ଟ ଓ ଅଶୋକବାବୁ ମଧ୍ୟ ଏକା ସାଙ୍ଗରେ ବାହାରି ପାରନ୍ତ । ଆମେ ସମସ୍ତେ ଭ୍ୟାନରେ ସିଧା ସଳଖ ଚାଲିଯାଇ ପାରିବା—ରୋଗୀର ଚିକିତ୍ସା ବି ହୋଇ ପାରିବ··· ନାଟକ ଦେଖା ମଧ୍ୟ ହୋଇ ପାରିବ···

ଉଦୟ—That's very kind of you Dr. Roy ମୋତେ ବଡ଼ ଦୁଃଶ୍ଚିନ୍ତାରୁ ରକ୍ଷାକଲେ—ମୁଁ ଆଗରୁ ଟେଲିଗ୍ରାମ କରି ଜଣାଇ ଥିଲି । ଏହି ଜନତା ଏକ୍ସପ୍ରେସ୍‌ରେ, କମ୍ପା ତା' ପୂର୍ବରୁ ନିଶ୍ଚୟ ଯାଇ ପହଞ୍ଚିବ ବୋଲି । ଏହି ଗାଡ଼ିକୁ ସେମାନେ ନିଶ୍ଚୟ ଅପେକ୍ଷା କରିଥିବେ ।

ଡା. ରାୟ—ତାହେଲେ ଏହି ନଂ [redacted] ଏକ୍ସପ୍ରେସ୍ ଗାଡ଼ିରେ ମୋ ସାଙ୍ଗରେ ଥିବା ଆସିଷ୍ଟାଣ୍ଟମାନଙ୍କ ଭିତରୁ ଜଣକୁ ବଦାୟ କରି ଦେଉଚି ।

ଉଦୟ—ତାଙ୍କ ହାତରେ ଏହି ଚିଠି ଖଣ୍ଡିକ ମଧ୍ୟ ପଠାଇ ଦେବେ ଡା: ରାୟ ।

ଡା· ରାୟ—ଆପଣମାନେ ତାହେଲେ Ready ହୋଇଯାନ୍ତୁ । ମୁଁ Vanଟା ନେଇ ଏହି ଅଳ୍ପ ସମୟ ଭିତରେ ପହଞ୍ଚି ଯାଉଛି—

ଉଦୟ—ଆମେ ତାହେଲେ ନିଶ୍ଚିନ୍ତରେ ରହିଲୁ···

(ପ୍ରସ୍ଥାନ—ମଞ୍ଚ ଅନ୍ଧକାର ହୋଇଗଲା)

Digitized by srujanika@gmail.com

ଦୃଶ୍ୟାନ୍ତର

□

[ଷ୍ଟେଜର ଅଭ୍ୟନ୍ତର । ବ୍ୟସ୍ତ ମନରେ ଘନ ଘନ ଘଣ୍ଟା ଉପରେ ନଜର କରୁ କରୁ ପଦଚାରଣା କରୁଥିଲେ ସେକ୍ରେଟାରୀ]

ସେକ୍ରେଟାରୀ—ନା ! ମଣିଷ ଆଉ ନର୍ଭସ୍ ହୋଇ ପାରିଲା ନାହିଁ । ଆଚ୍ଛା ସେକ୍ରେଟାରୀ ହେଲି—ସବୁ ଦୋଷ ମୋର ମୁଣ୍ଡରେ ଲଦି ଦେଇ ଅନ୍ୟମାନେ ବେଶ୍ ନର୍ଭସ୍ ହୋଇ ଯାଇଚନ୍ତି ।

(ସୂତ୍ରଧାର ପ୍ରବେଶ)

ସୂତ୍ରଧା—ସମସ୍ତଙ୍କୁ ମେକ୍‌ଅପ୍ ହେବାକୁ କହିଦେଇ ବେଶ୍ ନର୍ଭସ୍‌ରେ ତ ଏଠି ବସିଗଲେ ।

ସେକ୍ରେଟାରୀ—ମୁଁ ବସିଚି ? ସନ୍ଧ୍ୟାବେଳୁ ଏତେବେଳେ ଯାଏ କେଉଁଠି ବସିଥିବାର ଦେଖିଛନ୍ତି ?

ସୂତ୍ରଧା—ହେଲା ଏବେ ଠିଆ ହେଇଚନ୍ତି—କିନ୍ତୁ ଆପଣ ତ ଠିଆହେଲେ ହେଲା ନାହିଁ । ଆପଣଙ୍କ ଉଦୟବାବୁଙ୍କୁ ଠିଆ କରାଇବେ ବୋଲି କହି ଆସିଲେ । କାହାନ୍ତି ଉଦୟବାବୁ···?

ସେକ୍ରେଟାରୀ—କାର୍‌ରେ ଆସୁଛନ୍ତି···କାର୍‌ରେ ଆସୁଚନ୍ତି···ଟିକିଏ ଅପେକ୍ଷା କରନ୍ତୁ ।

Digitized by srujanika@gmail.com

ସୁଚନ୍ଦା—ଆମ ଅପେକ୍ଷାରେ କିଛି କଥା ନାହିଁ ସେନ୍ନେଟାଣ୍ଡବାବୁ, ଦର୍ଶକମାନେ ଅପେକ୍ଷା କରିପାରିଲେ ହେଲା । କାନରେ କ'ଣ ଶୁଣୁନାହିଁ ଦର୍ଶକମାନଙ୍କ ମଧ୍ୟରୁ ଘନ ଘନ କରତାଳି ।

ସେନ୍ନେଟାଣ୍ଡ—ମୁଁ ଏବେ କଣ କରିବ ଯେ ସୁଚନ୍ଦା ଦେବୀ···

ସୁଚନ୍ଦା—ସନ୍ଧ୍ୟାବେଳୁ 'ସୋ'ଟାକୁ ବନ୍ଦ ନ ରଖି ଏତେବେଳଯାଏ ଦର୍ଶକମାନଙ୍କୁ ତୁଚ୍ଛା ମିଛ କଥା କହି କାହିଁକି suspenseରେ ରଖିଲେ ।

ସେନ୍ନେଟାଣ୍ଡ—ମିଛ କଥା···କେଉଁଟା ମିଛ କଥା କହିଲେ··· ଉଦୟବାବୁଙ୍କ ହିରୋ ଭୂମିକାରେ ପାର୍ଟ କରିବା କଥା ମିଛ, ପ୍ରିନସ୍‌ପାଲଙ୍କ ପାଖରେ କଥା ହେଇଯିବା ମିଛ, ନା ତାଙ୍କର ଟେଲିଗ୍ରାମ କରିବା ମିଛ···ନା ତାଙ୍କର ଏହି ଶେଷ ଚିଠି ଖଣ୍ଡିକ ମିଛ । ଚିଠି ତ ତୁମେ ପଢ଼ିଲ···ତାର ଶେଷରେ ଯାହା ଲେଖା ହୋଇଥିଲା ସେ କଣ ମିଛ ? ତୁମ ଆଖିରେ ତ ତୁମେ ପଢ଼ିଛ···କେତେ sure ହୋଇ ସେ ଲେଖିଛନ୍ତି···'ସୋ' ଟାଇମ୍‌କୁ ସେ ନିଶ୍ଚୟ ପହଞ୍ଚିବେ ।

ସୁଚନ୍ଦା—ତାହେଲେ Janata express ପରି ତାଙ୍କ କାର୍‌ର ସେମିତି କିଛି ଦୁର୍ଘଟଣା ଘଟିଲା ନାହିଁ ତ ?

ସେନ୍ନେଟାଣ୍ଡ— ସେ କଥା କୁହ ନାହିଁ ସୁଚନ୍ଦା ଦେବୀ । ତାହେଲେ ଏଠି ଦୁର୍ଘଟଣାର ସୀମା ରହିବ ନାହିଁ ।

ସୁଚନ୍ଦା—ତାହେଲେ ଆମେମାନେ ମେକ୍‌ଅପ୍ ହେଇ କେତେ ସମୟ ବସି ରହିବୁ ?

Digitized by srujanika@gmail.com

ସେନ୍ହେଟାସ୍ମା—ଆପଣଙ୍କର ମେକ୍‌ଅପ୍ ତ ସରିନାହିଁ ବୋଧହୁଏ —ତାପରେ ଡ୍ରେସଟା ମଧ୍ୟ···

ସୁଚିତ୍ରା—ତାହିଁକି ଏ ଡ୍ରେସ କ'ଣ ଚଳିବ ନାହିଁ ।

ସେନ୍ହେଟାସ୍ମା—ଆମ ଦେଶର Middle class family ଝିଅ କେବେ ଜର୍ଜେଟ୍ ଶାଢ଼ୀ ପିନ୍ଧିବାର ଦେଖିଛ ?

ସୁଚିତ୍ରା—ମୋର ତ ଅନ୍ୟ ଶାଢ଼ୀ ନାହିଁ ।

ସେନ୍ହେଟାସ୍ମା—ତାହେଲେ ଅନ୍ୟ କେଉଁଠାରୁ ଖଣ୍ଡେ ଦି ଖଣ୍ଡ ଯୋଗାଡ଼ କରିବା ଉଚିତ ଥିଲା ।

ସୁଚିତ୍ରା—ଆପଣ କହୁଥିଲେ ପରା ଖାଲି ଅଭିନୟ କରିବା କଥା, ତାହେଲେ କ'ଣ ଏ ଶାଢ଼ୀରେ ଚଳନ୍ତନି । ମୋ କଥାରୁ କଣ ଲୋକ ଜାଣିପାରିବେନି ମୁଁ ଗୋଟିଏ Middle class family ଝିଅ ଭୂମିକାରେ ଅଭିନୟ କରୁଛି ।

(ଅନ୍ତରାଳରୁ କରତାଳିର ଶବ୍ଦ)

ସେନ୍ହେଟାସ୍ମା—ଆଃ, ପୁଣି କରତାଳି ପଡ଼ିଲାଣି । କଣ କରିବା··· କଥାଟା ଯେତେ ଆଗେଇ ଯାଉଛି, ଏ ଅବସ୍ଥାରେ ସୋ କରିପାରିଲେ ରକ୍ଷା ନାହିଁ ।

ସୁଚିତ୍ରା—ଉଦୟବାବୁଙ୍କ କଥା ଅପେକ୍ଷା ମୋ କଥାକୁ ବିଶ୍ୱାସ କରି ଯଦି ଆଜି ସୋ'ଟା ବନ୍ଦକରି ଦେଇଥାନ୍ତେ ତାହେଲେ କେତେ ଭଲ ହୋଇଥାନ୍ତା । ଏଥର ବିଚାର କରି ଦେଖନ୍ତୁ···

Digitized by srujanika@gmail.com

ସେକ୍ରେଟାରୀ—ମୋତେ କେବଳ ଗୋଟିଏ ବର୍ଷର ଦଶୁଚ ସୂଚନା ଦେଖା, କେବଳ ଗୋଟିଏ ମାତ୍ର ବର୍ଷର ।

ସୂଚନା—କଣ ?

ସେକ୍ରେଟାରୀ—ସେ। ଯେ କୌଣସି ପ୍ରକାର କରିବାକୁ ହେବ ।

ସୂଚନା—କଣ Without Hero ?

ସେକ୍ରେଟାରୀ—ନା...ତା ନୁହେଁ, ତୁମେ ଯଦି ଇଚ୍ଛା କରନ୍ତି...

ସୂଚନା—କଣ Double roll play କରିବ ? Both Hero and Heroine ?

ସେକ୍ରେଟାରୀ—ଠିକ୍ ତା ନୁହେଁ ସୂଚନା ଦେବୀ ! ତୁମେ ଯଦି ମୋ proposalଟା accept କରିପାଆନ୍ତ ?

ସୂଚନା—If possible I shall try । ଆପଣ ଆଗ ଆପଣଙ୍କ proposalଟା କଣ କୁହନ୍ତୁ ।

ସେକ୍ରେଟାରୀ—ତୁମେ ତ ଜାଣ ସୂଚନା ଦେବୀ ମୁଁ regulary ରିହାରସାଲ୍ attend କରୁଥିଲି ।

ସୂଚନା—ତାହେଲେ କହନ୍ତୁ ନା ଆପଣଙ୍କ ଆଖିରେ ଯଦି ଏହି Role କରିପାରିବା ଭଳି କିଏ ଅଛନ୍ତି ?

ସେକ୍ରେଟାରୀ—ମାନେ...ମୁଁ ଯଦି ସେ ରୋଲଟା କରେ, ତାହେଲେ କେମିତି ହେବ ?

ସୂଚନା—ସେକ୍ରେଟାରୀବାବୁ !

ସେକ୍ରେଟାରୀ—ନା, ପାର୍ଟ ବିଷୟରେ କିଛି ଚିନ୍ତା କରନ୍ତୁ ନାହିଁ । ମୋର ପ୍ରାପ୍ଟ ସବୁ ମୁଖସ୍ଥ ଅଛି ।

Digitized by srujanika@gmail.com

ସୁଚିତ୍ରା—ସାମନାରେ ବାପା ବସିଛନ୍ତି, ଦେଖିପାରି ନାହାନ୍ତି ?

ସେହେଠାଙ୍କ—ବେଶ୍ ତ ବୁଢ଼ାଲୋକଙ୍କୁ ହରବଣ ନ କରି ଚଞ୍ଚଳ ଚଞ୍ଚଳ କାମ ବଢ଼ାଇଦେବା ।

ସୁଚିତ୍ରା—ଚଞ୍ଚଳ ହୋଇପାରେ, କିନ୍ତୁ ହୁଏତ ଶେଷ ପର୍ଯ୍ୟନ୍ତ ଶେଷ ନ ହୋଇପାରେ ।

ସେହେଠାଙ୍କ—ମାନେ…

ସୁଚିତ୍ରା—ମାନେ, ବାପା ହୁଏତ ସିଧାସଳଖ ତାଙ୍କ ସିଟ୍‌ରୁ ଉଠିଆସିବେ ଏବଂ ରଙ୍ଗମଞ୍ଚ ଉପରକୁ—ସେତେବେଳେ ଆପଣ ଡ୍ରପ୍ ପକାଇବାକୁ ବାଧ ହେବେ ।

ସେହେଠାଙ୍କ—କାହିଁକି ?

ସୁଚିତ୍ରା—ଆପଣଙ୍କ opposit ରେ ମୁଁ ପାର୍ଟ କରିବାକୁ ସେ ପସନ୍ଦ କରନ୍ତି ନାହିଁ ।

ସେହେଠାଙ୍କ—କାହିଁକି ?

ସୁଚିତ୍ରା—ତାଙ୍କର ଧାରଣା ଆପଣଙ୍କଠାରୁ ଖରାପ ଛାତ୍ର ଏ ମେଡ଼ିକାଲ କଲେଜରେ କେହି ନାହାନ୍ତି ।

ସେହେଠାଙ୍କ—ଅବଶ୍ୟ ବହିପଢ଼ା ଛାତ୍ର ହିସାବରେ ତୁମର ବାପାଙ୍କର ଧାରଣା ନିର୍ଭୁଲ, କିନ୍ତୁ ଅଭିନୟ ପାଇଁ ସେ Qualificationଟା ବଡ଼ ନୁହେଁ…ତେବେ ତୁମକୁ ବାପା ଅନୁମତି ଦେଲେ କେମିତି ?

ସୁଚିତ୍ରା—ଉଦୟବାବୁଙ୍କ oppositରେ ପାର୍ଟ କରିବା କଥା ଶୁଣି…

Digitized by srujanika@gmail.com

ସେକ୍ରେଟାରୀ—ଅଭିନୟ କରିବାର ଦେଇକ୍ଷେତ୍ରରେ ମୋଠାରୁ ଉଦୟ-ବାବୁଙ୍କର କେଉଁ ଗୁଣରେ ଭଲ ?

ସୁଚିତ୍ରା—ତା ଅବଶ୍ୟ ମୁଁ ମାନୁଚି; କିନ୍ତୁ—

(ଆଶା ଦେବୀଙ୍କର ପ୍ରବେଶ)

ଆଶା—କିଛି କହନାହିଁ ସୁଚିତ୍ରା···ତୁମେ ଏ ପ୍ରସ୍ତାବରେ ରାଜି ହୋଇଯାଅ ।

ସୁଚିତ୍ରା—ତୁମେ ବୁଝିପାରୁ ନାହଁ ଆଶା···

ଆଶା—ତୁମର କେଉଁ କଥାଟା ଆଉ ମୋର ବୁଝିବାକୁ ବାକି ଅଛି ? କେଉଁ କଥାଟା ବା ତୁମେ ମୋଠାରୁ ଗୋପନ ରଖିଛ ?

ସୁଚିତ୍ରା—ତୁମେ କଣ ବାପାଙ୍କ କଥା ଜାଣ ନାହିଁ ଆଶା ।

ଆଶା—ଜାଣେ, ଜାଣେ; ଖୁବ୍ ଭଲ ରକମ ଜାଣେ । ବୁଢା ବୟସରେ କେଉଁ ବାପା ଚାହିଁବେ ଆଉ ବେଶି ସମୟ ଅପେକ୍ଷା କରିବାକୁ ? ଚାଲ୍, ରେଡ଼ି ହୋଇପଡ଼, ଅନ୍ତତଃ ତୁମର ଏହି ନଗଣ୍ୟ ବନ୍ଧୁଟି ତାର Minor Roleଟା Successfully play କରିବାକୁ ସୁଯୋଗ ପାଉ···

ସେକ୍ରେଟାରୀ—ମୁଁ ତୁମ ପ୍ରସ୍ତାବକୁ ଅନ୍ତରର ସହିତ ଅନୁମୋଦନ କରୁଚି ଆଶାଦେବୀ···

ସୁଚିତ୍ରା—ମୋର ଆଉ ଗୋଟାଏ ପ୍ରସ୍ତାବ ବିଚାର କରି ଦେଖନ୍ତୁ ସେକ୍ରେଟାରୀବାବୁ ।

ସେକ୍ରେଟାରୀ—କୁହନ୍ତୁ, ଯାହା କହୁଛନ୍ତି ଚଞ୍ଚଳ କୁହନ୍ତୁ···

Digitized by srujanika@gmail.com

ସୁଚନା—ଆପଣ ଦେଖନ୍ତୁ···ଆଃ···ମୋଆଡ଼େ ନୁହେଁ, ଆଶା ଅଡ଼େ ଦେଖନ୍ତୁ···ଠିକ୍ Middle class familyର ଝିଅଟିର ଚେହେରା ଯେମିତି ଆପଣ କଳ୍ପନା କରୁଥିଲେ ଆପଣଙ୍କର ଯଦି କଷ୍ଟ ଆପତ୍ତି ନ ଥାଏ, ତାହେଲେ ଆଶା ବରଂ ମୋ ରୋଲଟାରେ play କରନ୍ତୁ, ମୁଁ ତାଙ୍କ ପାର୍ଟଟା ମ୍ୟାନେଜ୍ କରିଦେବି···

ଆଶା—ମୁଁ କିନ୍ତୁ ମ୍ୟାନେଜ୍ କରିପାରିବିନି ।

ସେକ୍ରେଟାରୀ—ତାହେଲେ ଉପାୟ ? ଯେମିତି ହେଲେ ମାନେଜ୍ କରିବାକୁ ପଡ଼ିବ ।

ସୁଚନା—ମାନେଜ୍ କରିବା କଥା ଯଦି ତାହେଲେ ମ୍ୟାନେଜର··· ବାବୁଙ୍କୁ ଡାକନ୍ତୁ···ଆଶାର opposite ଭୂମିକାରେ ସେ ରୋଲରେ ପାର୍ଟ କରନ୍ତୁ···

(ମ୍ୟାନେଜର୍‌ର ପ୍ରବେଶ

ମ୍ୟାନେଜର—ନାହିଁ, ଆଉ କାହାକୁ ହିରୋ ଖୋଜିବା ଦରକାର ନାହିଁ ।

ସେକ୍ରେଟାରୀ—କାହିଁକି ମ୍ୟାନେଜରବାବୁ ?

ମ୍ୟାନେଜର—ମଟର ଆସି ପହଞ୍ଚି ଗଲାଣି ।

ସୁଚନା—ଉଦୟବାବୁ ଆସିଚନ୍ତି ?

ମ୍ୟାନେଜର—ହଁ, ହଁ । ଏକା ଉଦୟବାବୁ ନୁହଁନ୍ତି ଆହୁରି ଅନେକ ମଧ୍ୟ ସାଙ୍ଗରେ ଅଛନ୍ତି । ଯାଆନ୍ତୁ ଆପଣମାନେ ଆପଣଙ୍କ

Digitized by srujanika@gmail.com

dressing painting ଚଞ୍ଚଳ ସାରି ନଅନ୍ତୁ । ମୁଁ ସେତିକିଟା ସଜାଡ଼ି ଦେଇ, Third Bell ଦବାର ବ୍ୟବସ୍ଥା କରୁଚି ।

ସେକ୍ରେଟାରୀ—ଆସ ସୁଚେତା ଦେବୀ ! ଦେଖନ୍ତୁ ମ୍ୟାନେଜରବାବୁ, ଏବେ ଡେରି ହେଲଣି—ଆପଣ ଡ୍ରପ୍ ଉଠାଇ ନଅନ୍ତୁ···ଆଗ କିଛି ଗୋଟାଏ ନାଚ ଗୀତ ଦେଇଥାନ୍ତୁ···ତାପରେ Real ନାଟକ ଆରମ୍ଭ କରିବା

ମ୍ୟାନେଜର—ଆପଣ ଆଗ ଯାଇ ବାହାର ବ୍ୟବସ୍ଥା ଦେଖନ୍ତୁ···ମୁଁ ମୋଟେ ଡେରି କରୁନି···

(ସୁଚେତା ଓ ସେକ୍ରେଟାରୀ ପ୍ରସ୍ଥାନ)

ମ୍ୟାନେଜର—ଆଜି ଆପଣ ଛୁଟିଆ ହୋଇ ରହିଲେ କାହିଁକି ?

ଆଶା—ଏ ଖବରଟା କ'ଣ ଆଜି କିଛି ସମୟ ପରେ ଶୁଣାଇଥିଲେ ଚଳି ନ ଥାନ୍ତା ?

ମ୍ୟାନେଜର—ମାନେ ?

ଆଶା—ହିରୋଇନ୍ ରୋଲ୍‌ରେ ଓହ୍ଲାଇବାର ଯେଉଁ opportunityଟା ମିଳିଥିଲା, ତାହା ଏକାବେଳକେ ବୁଡ଼ାଇ ଦେଲେ ?

ମ୍ୟାନେଜର—(ବ୍ୟଙ୍ଗ କରି) ଆପଣ ହିରୋଇନ୍ ହୋଇଥିଲେ ଆପଣଙ୍କ ହିରୋଟି କଏ ହୋଇଥାନ୍ତା ଶୁଣେ ?

ଆଶା—ତା ଆପଣ ମୋଟେ ବୁଝି ପାରୁଥିବେ କି ?

(ମଞ୍ଚ ଅନ୍ଧକାର ହୋଇଗଲା)

●

Digitized by srujanika@gmail.com

ଦୃଶ୍ୟାନ୍ତର

□

[ରଙ୍ଗମଞ୍ଚର ଅଭ୍ୟନ୍ତର ;
ପ୍ରବେଶ କଲ୍ ସାଧନା]

ସାଧନା— ଉଦୟବାବୁ ! ଉଦୟବାବୁ ! ଉଦୟବାବୁ !

ସୁଚିତ୍ରା—(ପ୍ରବେଶ କରି) ଆଃ-ଚୁପ୍ କରନ୍ତୁ, ବଡ଼ disturbance ହଉଛି, ସିନ୍ ଉଠିଗଲଣି···

ସାଧନା—ଉଦୟବାବୁ କାହାନ୍ତି । ମୋର ଉଦୟବାବୁଙ୍କଠାରେ ଜରୁରୀ କାମ ଅଛି ।

ସୁଚିତ୍ରା—ତାଙ୍କ ସହିତ ଆପଣଙ୍କର ଦେଖା ହୋଇପାରିବନି ।

ସାଧନା—ଦେଖା ହୋଇ ପାରିବନି ?

ସୁଚିତ୍ରା—ନା, ନା, ଦେଖାହୋଇ ପାରିବନି···ଚାଲନ୍ତୁ ଆପଣ ସେପାଖେ ବସିବେ ।

ସାଧନା—ବରଂ ଆପଣ ମୋତେ ନେଇଚାଲନ୍ତୁ ଉଦୟବାବୁ ଯେଉଁଠି ଅଛନ୍ତି ।

ସୁଚିତ୍ରା—ଅସମ୍ଭବ, ଏକାବେଳକେ ଅସମ୍ଭବ ।

ସାଧନା—ବେଶ୍, ମୁଁ ନିଜେ ଖୋଜିନେବି ।

ସୁଚିତ୍ରା—(ସାମନାରେ ଅଟକାଇ) But I will not allow you to proceed further. ମୁଁ ଆପଣଙ୍କୁ ଆଉ ପାଦେହେଲେ ଆଗେଇବାକୁ ଦେବିନି ।

ସାଧନା—କଣ ଜବରଦସ୍ତି ?

ସୁଚିତ୍ରା—ହଁ ହଁ, ଜବରଦସ୍ତି ।

Digitized by srujanika@gmail.com

ସାଧନା—ଆଚ୍ଛା, (ଫେରିଯାଉଥିଲା ପୁଣି କ'ଣ ଭାବି ଫେରିଲା)
ଆପଣ ବୋଧହୁଏ ଏଠାକାର ବିଖ୍ୟାତ ବାରିଷ୍ଟରଙ୍କର ଏକମାତ୍ର କନ୍ୟା ?

ସୁଚିତ୍ରା—ଶ୍ରୀମତୀ ସୁଚିତ୍ରା ଦେବୀ । ଆଉ କିଛି ଜାଣିବାକୁ ଚାହାଁନ୍ତି ?

ସାଧନା—ଆପଣ ତାହେଲେ ଆଜିର ନାଟକର ହିରୋଇନ୍ ?

ସୁଚିତ୍ରା—ହଁ । ଉଦୟବାବୁଙ୍କ opposits Roleରେ ପାର୍ଟ
କରିବାକୁ ମୋତେ ଭାରି ଭଲଲାଗେ ।

ସାଧନା—ଜାଣି ଖୁସି ହେଲି । ଧନ୍ୟବାଦ ! ଫେରି ଯାଉଥିଲେ)

ସୁଚିତ୍ରା—ଶୁଣନ୍ତୁ !

ସାଧନା—(ଫେରିପଡ଼ି) ମୋତେ କହୁଛନ୍ତି ?

ସୁଚିତ୍ରା—ଆପଣଙ୍କ ପରିଚୟଟା କହିଲେ ନାହିଁ ତ ?

ସାଧନା—ଅଖ୍ୟାତ ପଲ୍ଲୀ ଅଞ୍ଚଳର ଏକ ମଧ୍ୟବିତ୍ତ ପରିବାରର
ପରିଚୟହୀନା ଝିଅ···

ସୁଚିତ୍ରା—ନାଁ ବୋଧହୁଏ ସାଧନା ।

ସାଧନା—ଦେଖୁଛି ଆପଣ ମୋ ନାଁ ପର୍ଯ୍ୟନ୍ତ ମଧ୍ୟ ଜାଣନ୍ତି ।

ସୁଚିତ୍ରା—ବାଃ, ଆପଣ ତ ମୋ ବିଷୟରେ କିଛି କମ୍ ଜାଣି
ନାହାନ୍ତି ।

ସାଧନା—ଜାଣିବାରେ କିଛି ଭୁଲ ହେଇ ନାହିଁତ ?

ସୁଚିତ୍ରା—ବାହାରର ପରିଚୟଟା କଣ ମଣିଷର ପ୍ରକୃତ ପରିଚୟ ?

ସାଧନା—ଆପଣଙ୍କ ଅନ୍ତରର ପରିଚୟ ମୁଁ ପାଇଛି ସୁଚିତ୍ରା ଦେବୀ !

ସୁଚିତ୍ରା—ସାଧନା, ମୁଁ ଯଦି ଆଗରୁ ଏହା ଜାଣିଥାନ୍ତି, ଏ ଭୁଲ୍
କେବେ କରି ନଥାନ୍ତି ।

Digitized by srujanika@gmail.com

ସାଧନା—ନା, ନା ସୁଚିତ୍ରା ଦେବୀ । ଆପଣ ଯାହା କହୁଛନ୍ତି ଠିକ୍ କହିଛନ୍ତି । ମଣିଷକୁ ମଣିଷ କଲାଭଳି ଜିନିଷ ଆପଣଙ୍କ ପାଖରେ ଅଛି । କିନ୍ତୁ ମୋ'ଠି କଣ ଅଛି । ଦେଖୁନାହାଁ, ମୁଁ କେତେ ନୀଃସ୍ୱ-ସମ୍ବଳହୀନ । ବରଂ ଉଦୟବାବୁଙ୍କ ପଛେ ପଛେ ଧାଇଁଚି ଜାଣିପାରି ତାଙ୍କଠାରୁ ତାଙ୍କର ସର୍ବସ୍ୱ ମାଗି ନେବାପାଇଁ ।

ସୁଚିତ୍ରା—ସାଧନା ! ଆପଣଙ୍କୁ ଏ ଭିକାରୁଣୀର ବେଶ ବଦଳାଇବାକୁ ପଡ଼ିବ । କାରଣ ଆପଣ ଝୁଲି ସବୁଦିନ ପାଇଁ ଖାଲି ରହିଯିବ !

ସାଧନା—ଏହା ମଧ୍ୟ ତୁମର ସହ୍ୟ ହେଉ ନାହିଁ ।

ସୁଚିତ୍ରା—ନା, ନା, ମୋଟେ ନୁହେଁ । ଯଦି ଉଦୟବାବୁଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ଦେଖିବାକୁ ଚାହଁ, ତାଙ୍କ ପିଚ୍ଛା ଛାଡ଼ ।

ସାଧନା—ମୁଁ ନିଜେ ଛାଡ଼ିବାକୁ ପ୍ରସ୍ତୁତ ଅଛି । କିନ୍ତୁ ସେ ମୋତେ ଛାଡ଼ିପାରିଲେ ହେଲା !

ସୁଚିତ୍ରା—ତାଙ୍କୁ ମଧ୍ୟ ତାଙ୍କର ସେ ପୂର୍ବ ଅଭ୍ୟାସ ଛାଡ଼ିବାକୁ ହେବ ।

ସାଧନା—ଆପଣ ଟିକିଏ ଯତ୍ନ କଲେ ସେ ତାଙ୍କର ସେହି ଖରାପ ଅଭ୍ୟାସଟାକୁ ଛାଡ଼ି ଦିଅନ୍ତେ । ସେ ନିଜେ ହୁଏତ ଛାଡ଼ି ଦେବାକୁ ପ୍ରସ୍ତୁତ, କିନ୍ତୁ ତାଙ୍କର ଧର୍ମର ପ୍ରଭାବ ତାଙ୍କ ଉପରେ ଏତେ ବେଶୀ···

ସୁଚିତ୍ରା—ତାଙ୍କର ଧର୍ମ ?

ସାଧନା—ହଁ, ସେ ଜଣେ ଡାକ୍ତର କି ନା ? ଆଉ ମୁଁ ଜଣେ ରୋଗୀ, ମୋ ପ୍ରତି ତାଙ୍କର ଯାହା ଆଗ୍ରହ ନାହିଁ, ଅଛି ମୋର ଏଇ ରୋଗଟା ଉପରେ । ଭାଇଙ୍କ ପାଖରେ ସେ ଶପଥ କରିଛନ୍ତି ଏହି ରୋଗକୁ ସେ ଭଲ କରିଦେବେ । ମୁଁ ଭାଇଙ୍କି କେତେଥର ମନା କରିଚି ଉଦୟବାବୁଙ୍କୁ ବ୍ୟସ୍ତ ନ କରିବାକୁ, କିନ୍ତୁ ଭାଇ

Digitized by srujanika@gmail.com

କ'ଣ ମାନନ୍ତୁ ? ଆପଣ ସୂଚିସ୍ମିତାଦେବୀ, ନା-ନା ଭଉଣୀ ବୋଲି କୁହେ, ଭଉଣୀ ! ମୋ ରୋଗ କଥା ଶୁଣି ଉଦୟବାବୁ ଯେତେବେଳେ ଚଞ୍ଚଳ ହୋଇ ଉଠିବେ, ତାଙ୍କୁ ଟିକିଏ ଶାନ୍ତ କରାଇ ରଖିନେବ···କୌଣସି ପ୍ରକାରେ ଛାଡ଼ି ଦେବ ନାହିଁ । ତାହେଲେ ସବୁ ଠିକ୍ ହୋଇଯିବ । ମୁଁ ଜାଣେ ରୋଗଟା ଯେ ପ୍ରକାର ମୋତେ ଆକ୍ରମଣ କରିଚି···ଆଉ ବେଶୀଦିନ ନୁହେଁ···

ସୂଚିସ୍ମିତା—ସାଧନା-ଭଉଣୀ !

ସାଧନା—ମୋତେ କଥା ଦିଅ ଭଉଣୀ, ତୁମେ ମୋ କଥା ରଖି ପାରିବ ?

ସୂଚିସ୍ମିତା-ନା ଭଉଣୀ,ପାରିବି ନାହିଁ···ସେ କଥା ମୁଁ କରିପାରିବି ନାହିଁ ।

ସାଧନା—ଏତିକରେ ଭାଙ୍ଗି ପଡ଼ିଲ ଭଉଣୀ !

ସୂଚିସ୍ମିତା—କମିତି ପାରିବି କହିଲ ? ମୁଁ ନିଜେ ଡାକ୍ତର । ରୋଗୀର ରୋଗ ଦୂର କରିବା ଡାକ୍ତର ଜୀବନର ଚରମ ସାର୍ଥକତା । ତାଙ୍କର ସାଧନା ପଥରୁ ମୁଁ ତାଙ୍କୁ ଫେରାଇ ଆଣି ପାରିବିନି ଭଉଣୀ—ମୁଁ ତାଙ୍କୁ ମୋଟେ ଫେରାଇ ଆଣି ପାରେନା ।

(ମ୍ୟାନେଜରଙ୍କ ପ୍ରବେଶ)

ମ୍ୟାନେଜର—ସୂଚିସ୍ମିତା ଦେବୀ ! ଆପଣଙ୍କ ପାର୍ଟ ପଢ଼ିବାର ସମୟ ହୋଇଗଲା । ରେଡ଼ି ହୋଇ ଯାଆନ୍ତୁ ··

(ପ୍ରସ୍ଥାନ)

ସାଧନା—ଯାଅ ଭଉଣୀ—ଏଥର ତୁମ ବେଳ ହୋଇଗଲା । ତୁମକୁ ଅଟକାଇବା ମୋର ଉଚିତ ନୁହେଁ ।

Digitized by srujanika@gmail.com

ସୁଚିତ୍ରା—(ସାଧନାକୁ ଚାହିଁ) କେବଳ କଳ୍ପନା ରୂପ ପାଇଛୁ ତୁମଠି ଭଉଣୀ । ତୁମେ ଯଦି ଅଂକକାର ନାଟକରେ ହିରୋଇନ୍ ଭୂମିକାରେ ଅଭିନୟ କରନ୍ତ, ତାହେଲେ ମୋଠାରୁ ଅଂକ ସୁଖୀ ଆଉ ଦୁନିଆରେ କେହି ହୁଅନ୍ତା ନାହିଁ ।

ସାଧନା—ତୁମ ସୋସାଇଟିରେ ମୋର ସ୍ଥାନ ନାହିଁ ଭଉଣୀ ।

ସୁଚିତ୍ରା—ଭଉଣୀ । ଆମ ସୋସାଇଟିରେ ତୁମପରି ଲୋକର ସ୍ଥାନ ସବୁ ପ୍ରଥମେ···ରୋଗୀ ଭିନ୍ନ ଡାକ୍ତରଙ୍କର ଅସ୍ତିତ୍ୱ କାହିଁ ? କ'ଣ ପାରିବ ?

(ଅନ୍ତରାଳରୁ—ସୁଚିତ୍ରାଦେବୀ-Reddy)

ସାଧନା—ଅସମ୍ଭବକୁ ସମ୍ଭବ କରାଇବାକୁ ଚାହୁଁଚ ଭଉଣୀ ?

ସୁଚିତ୍ରା—ମୁଁ ଜାଣେ ସାଧନାର ଅସାଧ କିଛି ନୁହେଁ । ଲଜ୍ଜା କରିବାର କିଛି ନାହିଁ—ଉଦୟବାବୁଙ୍କ ପାଖରେ ତୁମେ ତ ଆଉ ଅଭିନୟ କରିବ ନାହିଁ···

ସାଧନା—ନା, ଭଉଣୀ···

ସୁଚିତ୍ରା—ଆଚ୍ଛା ଏ ପାଖକୁ ଆସ···ଦେଖିବା କେମିତି ନା' କହି ଖାଲି ପାଇଯିବ···ଆସ ।

(ଟାଣିନେଇ ପ୍ରସ୍ଥାନ)

Digitized by srujanika@gmail.com

ଦୃଶ୍ୟାନ୍ତର

□

[ରଙ୍ଗମଞ୍ଚର ଗୋଟିଏ କରୁଣ ଦୃଶ୍ୟ । ପଶ୍ଚାଦ୍‌ଭାଗରେ କଳାପରଦା ରହି ଗୋଟିଏ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରୁଚି । ଆଲୋକ ମଳିନ—କାଳିମାମୟ ଅତୀତରୁ ଏ ପର୍ଯ୍ୟନ୍ତ ଆଶାର ସୂର୍ଯ୍ୟୋଦୟ ହେବାକୁ ବହୁତ ଡେରି ଅଛି । ଅତୀତ ସମାଜର ଗୋଟିଏ ବିଭୀଷିକା । ମୃତ ସମାଜର ସୂଚନା ଦିଏ କେତେଗୁଡ଼ିଏ ହାଡ଼ କଙ୍କାଳ ଓ ସମାଧି, ତାରି ମଧ୍ୟରେ ଗୋଟିଏ ଥୂଣ୍ଟା ଗଛ ନିକଟରେ ଛିଡ଼ା ହୋଇଛି ଉଦୟ । ସତରେ ତାର ମୁଖ ମଣ୍ଡଳରୁ ଯେପରି ଉଦୟସୂର୍ଯ୍ୟର ଅରୁଣିମା ବିଚ୍ଛୁରି ପଡ଼ୁଛି—ସେ ଯୁବକ—ସେ ସଂଗ୍ରାମୀ—ତାର ସଂଗ୍ରାମର ଅନ୍ତ ନାହିଁ । ଜୀବନର ସମସ୍ତ ଝଡ଼ଝଞ୍ଜାକୁ ଅତିକ୍ରମ କରିଯିବାର ଉଦ୍ଦାମ ସାହସ ତାର ବିସ୍ଫାରିତ ବକ୍ଷଦେଶ ସୂଚନା ଦିଏ । ଚତୁର୍ଦ୍ଦିଗରୁ ବିଭିନ୍ନ ସ୍ୱରର ତାଚ୍ଛଲ୍ୟଭରା ହସ···]

Digitized by srujanika@gmail.com

ଉଦୟ—ନା—ନା ମୁଁ ଭୟ କରେନା—ତୁମର ଶତ ଭୃକୁଟି ମୋତେ ମୋର ସାଧନା ପଥରୁ କେବେହେଲେ ବିଚ୍ୟୁତ କରି ପାରିବ ନାହିଁ । ମୁଁ ମଣିଷ, ହଁ-ମୁଁ ମଣିଷ, ଭଗବାନଙ୍କ ସୃଷ୍ଟିରେ ମୁଁ ଶ୍ରେଷ୍ଠ ସୃଷ୍ଟି—ମୋର ଶ୍ରେଷ୍ଠତ୍ୱ ପ୍ରତିପାଦନରେ ସୃଷ୍ଟିକର୍ତ୍ତାଙ୍କର ବିଜୟ ଘୋଷିତ ହେବ ।

(ତାଚ୍ଛଲ୍ୟଭରା ହସ ଆହୁରି ତୀବ୍ରତର ହେଲା)

ଉଦୟ—ମୋର ଜୟଯାତ୍ରା ଆରମ୍ଭ ହୋଇଛି । ଏହା ଅବାରିତ—ଏହାକୁ କେହି ରୋକି ପାରିବେନି ।

ସ୍ୱର—(ହସ ସହିତ) ଲକ୍ଷସ୍ଥଳ···! (ପୁଣି ହସ)

ଉଦୟ—ଲକ୍ଷ୍ୟସ୍ଥଳ—ଲକ୍ଷ୍ୟସ୍ଥଳ !

ସ୍ୱର—ତା ଜାଣ ନାହିଁକି — (ହସ) କୌଣସି ଅଫିସକୁ ଯୁବେ ତ ଖଣ୍ଡେ ଚାକିରୀପାଇଁ ? ସେଠି No vacancy. (ହସ)

ଉଦୟ—No vacancy, ଖାଲି ନାହିଁ···

ସ୍ୱର—(ହସି) ହଁ-ହଁ, ଖାଲି ନାହିଁ, ତୁମପରି ଶହ ଶହ ଯୁବକ, ସହସ୍ର ସହସ୍ର ଯୁବକ—ଲକ୍ଷ ଲକ୍ଷ ବେକାର ଧାଡ଼ିଧରି ଗୋଟିଏ ଚାକିରୀପାଇଁ ଏ ଅଫିସରୁ ସେ ଅଫିସ ଘୂରି ବୁଲୁଛନ୍ତି···ଫୁଟ୍‌ପାଥ କମ୍ବା ପାର୍କର କୌଣସି ପରିତ୍ୟକ୍ତ ଭଙ୍ଗା ବେଞ୍ଚ ତାଙ୍କର ବିଶ୍ରାମର ସ୍ଥଳୀ ହେଲା···ଆଉ ଖାଦ୍ୟ ରାସ୍ତା କଡ଼ର କଳପାଣି···ସେ ବି ଯେତେବେଳେ ଶୁଖିଯାଏ ତମର ପରି ସଂଜ୍ଞାହୀନ ହୋଇ କଳ ପାଖରେ ଢଳି ପଡ଼ିବ । ପରିଚୟହୀନ ଯୁବକ—ଶେଷରେ ତୁମର କଙ୍କାଳ ହେବ ଏଇ ଡାକ୍ତରୀ ଛାତ୍ରମାନଙ୍କର ପରୀକ୍ଷାର ସମ୍ବଳ ।

(ହସି ଉଠିଲା)

Digitized by srujanika@gmail.com

ଉଦୟ—ନା-ନା, ମୁଁ ତା ହବାକୁ ଦେବି ନାହିଁ । ମୋର ବାହୁରେ ଅମାପ ବଳ, ପାଦତଳେ ସର୍ବଂସହା ପୃଥିବୀ···ମା···ମାଟି··· ମୁଁ ତାକୁ ହାର୍ଣିବି, ବଦାଶିବ···ଶସ୍ୟ ଶ୍ୟାମଳା ଜନନୀ ମୋର···ତାର ସନ୍ତାନ ପ୍ରତି କେବେ ନିର୍ଦ୍ଦୟ ହୋଇ ପାରିବନି । ତାର ବକ୍ଷର ଝଣ୍ଟା ନିସୃତ ଅମୃତ ଧାର ପାନ କରି ମା'ର ଜୟ ଜୟକାରରେ ଗଗନ ପବନ ମୁଖରିତ ହୋଇ ଉଠିବ । ମୁଁ ଏ ମା'ର ସନ୍ତାନ···ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ···

(ଦୃଢ଼ ମୁଷ୍ଟିରେ ନିଜେ ଶପଥ ନେବାର ଅଭିନୟ)

ସ୍ୱର—(ହସି ଉଠନ୍ତି) ମୁଁ ମଧ୍ୟ ମା'ର ସନ୍ତାନ ଥିଲି । ମୁଁ ଏକା କାହିଁକି ? ଏହି ଚତୁଃପାର୍ଶ୍ୱରେ ଯେଉଁ ହାଡ଼ମାଳ କଙ୍କାଳର ସ୍ତୁପ ଦେଖୁଚ, ସବୁ ଏହି ଜନନୀ ଜନ୍ମଭୂମିର ପ୍ରିୟ ସନ୍ତାନବର୍ଗଙ୍କର । ମା' ତାର ବକ୍ଷର ଅମୃତ ଦାନ କରି କାହିଁ ସେମାନଙ୍କୁ ତ ବଞ୍ଚାଇ ପାରିଲା ନାହିଁ···କାହିଁ ତାଙ୍କୁ ତ ଲୁଣ୍ଠନକାରୀଙ୍କ ହାତରୁ ମୁକ୍ତି ଦେଇପାରିଲା ନାହିଁ ! ଯୋରବାଲାଏ ସବୁ ଲୁଟି ନେଲେ···ଦୁର୍ବଳ ଜଳକାପର ଗୁହାଁରି ରହିଲେ···ଶୁଖି ଶୁଖି ଜୀବନର ଶେଷ ନିଃଶ୍ୱାସ ଟିକକ ଯେତେବେଳେ ବନ୍ଦ ହୋଇଗଲା; ସେତେବେଳେ ଏହି ମା··· ଏହି ସର୍ବଂସହା ଜନନୀ ତାଙ୍କୁ କୋଳରେ ସ୍ଥାନ ଦେଇଚି··· ସେ ତାଙ୍କୁ ଛାଡ଼ି ନେଇନି···ଶୁଣିପାରୁଚ ସେ କଙ୍କାଳ ସ୍ତୁପ ମଧ୍ୟରୁ ତାର କାନ୍ଦଣା···

ଉଦୟ—ମା କାନ୍ଦୁଚି···ମା କାନ୍ଦୁଚି···

Digitized by srujanika@gmail.com

ସ୍ୱର—କାନଡେରି···ଭଲକରି କାନଡେରି ଶୁଣ କି କରୁଣ ସେ ବୁକୁଫଟା କାନ୍ଦଣାର ସ୍ୱର !

ଉଦୟ—ନା-ନା···ମା'ର ଆଖିର ଲୁହ ମୁଁ ପୋଛି ଦେବି···ତାର କାନ୍ଦଣା ।

ସ୍ୱର—ପାରିବ ?

ଉଦୟ—କାହିଁକି ପାରିବିନି···ମୁଁ ଏ ଯୁଗର ଉଦ୍ଦାମ ଶକ୍ତି···ମୁଁ ନିର୍ଭୀକ—ଉଡ୍‌ବୁଦ୍ଧ···ଜାଗ୍ରତ ।

ସ୍ୱର—ଭୋକିଲା ମୁହଁରେ ଦାନା ଦେଇପାରିବ ?

ଉଦୟ—ଭୋକିଲା ହୋଇ କେହି ରହିବେ ନାହିଁ ।

ସ୍ୱର—ସେ ମରଣ ପଥର ଯାତ୍ରୀର କରୁଣ ଯନ୍ତ୍ରଣା···

ଉଦୟ—ମୋର ସମସ୍ତ ଭଲପାଇବା ଦେଇ ତାର ଯନ୍ତ୍ରଣାର ଉପଶମ କରିବାକୁ ଶପଥ କରୁଛି ।

ସ୍ୱର—ବେକାରି···

ଉଦୟ—ଯିବ···ମୋର ବୁଦ୍ଧିରେ ମୁଁ ବିଜ୍ଞାନର ସତ୍ ଉପଯୋଗ କରିବ—ଗଢ଼ିଉଠିବ ବହୁଶିଳ୍ପ···

ସ୍ୱର—ଅତ୍ୟାଚାର ?

ଉଦୟ—ଲୋପ ହେବ ।

ସ୍ୱର—ଲୁଣ୍ଠନ···

ଉଦୟ—ଦୃଢ଼ ହସ୍ତରେ ଦମନ କରାଯିବ ।

Digitized by srujanika@gmail.com

ସ୍ୱର—(ହସିଉଠିଲା)

ଉଦୟ—କ'ଣ ବିଶ୍ୱାସ ହେଉନାହିଁ···

ସ୍ୱର—ରାମରାଜ୍ୟ ଗଢ଼ିବାକୁ ଯାଇ ସ୍ୱୟଂ ରାମଚନ୍ଦ୍ର ମଧ୍ୟ ପରାଭବ ସ୍ୱୀକାର କରିଥିଲେ ।

(ହସିଉଠିବା)

ଉଦୟ—ନା, ମୁଁ ଆଜି କୌଣସି ବାଧା ମାନିବାକୁ ପ୍ରସ୍ତୁତ ନୁହେଁ, ମୁଁ ଯିବି···ଆଗେଇ ଯିବି···

(ହଠାତ୍ ସାଧନା ଭିତରକୁ ପ୍ରବେଶ କରନ୍ତି, ଘର ବାହାରକରିବାର ଭଙ୍ଗୀ)

ସାଧନା—ମୁଁ ହେବି ତୁମର ସହଯାତ୍ରୀ···ମୋତେ ତୁମର ସହଯାତ୍ରୀ କରିନିଅ । ତୁମର ଚଲାପଥର ସମସ୍ତ କଣ୍ଟା ମୁଁ ମୋର କାନିପଣତରେ ଓଳାଇ ଦେବି ।

ଉଦୟ—ସାଧନା ! ତୁମେ ଜାଣ ନାହିଁ, ଏ ଯାତ୍ରା କେତେ କଠିନ ।

ସାଧନା—କଣ ରାମଚନ୍ଦ୍ରଙ୍କର ଚଉଦବର୍ଷ ବନଗମନଠାରୁ କଠିନ । ସାବିତ୍ରୀର ସ୍ୱୟଂ ଯମରାଜାର ଅନୁସରଣଠାରୁ ନିର୍ମମ କିମ୍ବା ପଞ୍ଚ ପାଣ୍ଡବଙ୍କର ସହଗାମିନୀ ଦ୍ରୌପଦୀର ସାଧନାଠାରୁ ଆହୁରି ଅସାଧ୍ୟ ?

ଉଦୟ—ସାଧନା !

ସାଧନା—ମୁଁ ତୁମ ପାଖେ ପାଖେ ଉଦୟ—

ଉଦୟ—ବହୁ ଯନ୍ତ୍ରଣା ଜର୍ଜରିତ ଶତାବ୍ଦୀର ଘନ ଅନ୍ଧକାର ମଧ୍ୟରୁ ପୂର୍ବ ଦିଗ୍‌ବଳୟରେ ମୁଁ ଏକ ଆଲୋକରେଖା ସ୍ପଷ୍ଟ ଦେଖି

Digitized by srujanika@gmail.com

ପାରୁଛୁ । ଅଳ୍ପକ୍ଷଣପରେ ହୁଏତ ସୂର୍ଯ୍ୟୋଦୟ ହେବ···ଆଜି ସାଧନା ! ଆମେ ଏହି ନୂତନ ସୂର୍ଯ୍ୟଙ୍କୁ ଆମର ନମସ୍କାର ଜଣାଇ ଆଗେଇ ଯିବା ମହାଭାରତର ହୃଦ୍ପିଣ୍ଡର ପ୍ରତିଜ୍ଞା ନେଇ ସେହି ସ୍ୱର୍ଗରାଜ୍ୟକୁ—ହସିଆର ସାଧନା ! ପଛକୁ ଗୃହଁ ନାହିଁ—ହୁଏତ ତୁମ ମନକୁ ଦ୍ୱୈପଧର ଦୁର୍ବଳତା ପୁଣି ସ୍ପର୍ଶ କରିବ··· ତୁମେ ପଡ଼ିଯିବ ।

(ଚତୁର୍ଦ୍ଦିଗରୁ କଙ୍କାଳର ହସ ଓ ସ୍ୱର···)

ସ୍ୱର—ନାସ୍···ଦୁର୍ବଳତା ପତନ ତା'ପରେ ମୃତ୍ୟୁ···

ସାଧନା—ଉଦୟ ! (ଚିତ୍କାର କରି ଉଠିଛି)

ଉଦୟ—ସାଧନା···ଭୟ କର ନାହିଁ···ମୋର ହାତ ବଢ଼ାଇ ଦେଇଛି··· (ପଛକୁ ନ ଗୃହିଁ)

ସାଧନା—ନା, ମୁଁ ପାରୁନାହିଁ । (କଙ୍କାଳର ହସ)
ଏଁ, ଏମାନେ କଏ···ଏମାନେ···

ସ୍ୱର—ବଙ୍ଗଳାର ପୁରପଲ୍ଲୀରେ ଆମେ ସବୁ କୁଡ଼ କୁଡ଼ ହୋଇ ମାଟିତଳେ ପୋତିହୋଇ ପଡ଼ିଚୁ । ନୂଆ-ଖାଲର ଘରେ-ଘରେ ଆମେ ସବୁ ପଡ଼ି ରହିଛୁ । ଆଉ ତୁମେ ଟିକଏ ଭଲକରି ଦେଖ ସେଦିନ ଉନ୍ନେଲେଇର ସେହି ଯାତ୍ରୀ ସମୁଦ୍ର ଭିତରେ ଯାହାକୁ ଛୁଡ଼ି ଆସିଥିଲ ସେହି ତୁମର ବାପା—ତୁମର ମା—ସାଧନା ! ତୁ ଆମକୁ ଚିହ୍ନି ପାରୁନୁ—ତୁ ଆମକୁ ଏତେ ଚଞ୍ଚଳ ଭୁଲିଗଲୁ ।

ସାଧନା—ମା-ବାପା !! (ଚିତ୍କାର କରି ବେହୋସ୍ ହୋଇ ତଳେ ପଡ଼ିଯିବା)

Digitized by srujanika@gmail.com

ଉଦୟ—ଫେର—ସ୍ୱାଭାବିକ ଘଟବ ଏ ଦୁର୍ଘଟଣା କଥା ବୁଝିପାର
ନଜର ଅଭିନୟ ମଧ୍ୟରୁ ପ୍ରକୃତିସ୍ଥ ହୋଇ

ସାଧନା--ସାଧନା !

(ସାଧନାକୁ ଚେତା ଜଗାଇବାକୁ ଚେଷ୍ଟାକର)

ମ୍ୟାନେଜର—ହୁଇସିଲ୍—ଡ୍ରପ୍—ଦୁର୍ଘଟଣା, ଡ୍ରପ୍, ପାଣି, ପଙ୍ଖା ।
(ମଞ୍ଚ ଆଭ୍ୟନ୍ତରରୁ ସମସ୍ତେ ଷ୍ଟେଜ୍ ମଧ୍ୟକୁ ପ୍ରବେଶ କରି ବ୍ୟସ୍ତତା ମଧ୍ୟରେ ସାଧନାକୁ ଟେକି ନେବାର ବ୍ୟବସ୍ଥା କରିଛନ୍ତି । ପରଦା ଧୀରେ ଧୀରେ ନଇଁ ଆସିଛି ।)

Digitized by srujanika@gmail.com

ଦୃଶ୍ୟାନ୍ତର

□

[ପୂର୍ବର ଗଣ୍ଡଗୋଳ ଚାଲିଥାଏ—ସେନେହଠାଏ ଷ୍ଟେଜ୍‌ର ଗୋଟାଏ ଅଂଶରେ ବଡ଼ ବିବ୍ରତ ମନରେ ବୁଲୁଥିବା ସମୟରେ ତାଙ୍କର ମୁହଁରୁ ଶୁଣାଯାଉଥାଏ—]

ସେନେହଠାଏ—ଦୁର୍ଘଟଣା ପରେ ଦୁର୍ଘଟଣା—କେତେ ଯେ ଦୁର୍ଘଟଣା ଘେରି ରହିଛି ଆମର ଅନୁଷ୍ଠାନକୁ, ତାର ଶେଷ କେଉଁଠି ଜାଣିବା ମୁସ୍କିଲ । ଉଦୟବାବୁ ପାର୍ଟ ନ ନେବା ହିଁ ଉଚିତ ଥିଲି—ଆମର ଏହି ଷ୍ଟେଜ୍‌ରେ ତାଙ୍କର ଜୀବନ ନାଟକ ଅଭିନୟ କରିବା ତ ଆମ ଉଦ୍ଦେଶ୍ୟ ନ ଥିଲା—ଏବେ ସୋ ହେବ କିପରି ? Publicକୁ ମୁଁ କଣ କହିବି—

(ସୁଚରିତାର ପ୍ରବେଶ)

ସୁଚରିତା—ଆପଣଙ୍କୁ କିଛି କହିବାକୁ ପଡ଼ିବ ନାହିଁ । ଆପଣ ଆସନ୍ତୁ ପ୍ରଫେସର ଅଫ୍ ମେଡ଼ିସିନ୍ ଡ଼ାକୁଛନ୍ତି—

ସେନେହଠାଏ—କଣ ଭଲେଣ୍ଟିଅର୍ ଦରକାର, କାଳିଆବୋଦା ଯିବାକୁ—

ସୁଚରିତା—ଏ ବୟସରେ ଆପଣଙ୍କର ସେଆଡ଼କୁ ମନଟା କାହିଁକି ?

ସେନେହଠାଏ—ଅବସ୍ଥା ଯାହା ଆଉ ମନ ତ କେଉଁଆଡ଼େ ଯାଉନାହିଁ ।

Digitized by srujanika@gmail.com

ସୁଚରିତା—ଅବସ୍ଥା ତ ଖୁବ୍ ଭଲ, ମାନେ ଆଶାତୀତ ଭାବରେ ଭଲ; ସାଧନାଦେବୀ ବର୍ତ୍ତମାନ ତାଙ୍କର Sense ଫେରିପାଇଛନ୍ତି; professor of Medicineଙ୍କ ମତରେ ହୁଏତ ସାଧନା-ଦେବୀଙ୍କର ପୁରାତନ ରୋଗଟା ଏକାବେଳକେ ଭଲ ହୋଇ ଯାଇପାରେ—

ସେକ୍ରେଟାରୀ—That's good news ସୁଚରିତାଦେବୀ !

ସୁଚରିତା—ସେଥିପାଇଁ ମୁଁ ଆପଣଙ୍କୁ Congratulate କରିବାକୁ ଆସିଥିଲି ।

ସେକ୍ରେଟାରୀ—ଦେଖନ୍ତୁ, ଆପଣଙ୍କ ବାପାଙ୍କ ଖିଆଲ ରଖିଛନ୍ତି ?

ସୁଚରିତା—Yes ସେକ୍ରେଟାରୀବାବୁ ! ମୋ ମତ ବିରୁଦ୍ଧରେ ବାପା କେବେ ଯିବେନି ।

ସେକ୍ରେଟାରୀ—ଦେଖନ୍ତୁ—ବାରିଷ୍ଟର ଲୋକ, ଶେଷକୁ ଆମ ସୋସାଇଟି ଉପରେ କିଛି ଆଞ୍ଚ ଆସିବ ନାହିଁ ତ—

ସୁଚରିତା—No-No ସେଥିପାଇଁ ଆପଣଙ୍କ କମ୍ପାନି ମୋଟେ ଦାୟୀ ନୁହେଁ···ଆପଣ ଆସନ୍ତୁ ।

ସେକ୍ରେଟାରୀ—ଆଚ୍ଛା ଚାଲନ୍ତୁ—

(ପ୍ରସ୍ଥାନ)

●

Digitized by srujanika@gmail.com

ଦୃଶ୍ୟାନ୍ତର

□

—ହସ୍‌ପିଟାଲ୍—

[ବେଡ୍ ଉପରେ ଭରାଦେଇ ଶୋଇଛନ୍ତି ସାଧନା ···ତାର ବେଡ୍ ଚାରିପାଖରେ ଅଶୋକ, ଉଦୟ, ସୁଚିତ୍ରା, ସେକ୍ରେଟାରୀ, ମ୍ୟାନେଜର ଓ ଆଶା ପ୍ରଭୃତି ଠିଆ ହୋଇଛନ୍ତି]

ପ୍ରଫେସର—ଦେଖନ୍ତୁ, ସାଧନା ଦେବୀଙ୍କର ବିଷୟରେ ଆପଣମାନେ ଆଉ ଚିନ୍ତିତ ହେବା ଅନାବଶ୍ୟକ । Detail examination ପରେ ମୁଁ ଯାହା ଅନୁମାନ କରିପାରୁଛି, ତାଙ୍କର ରୋଗଟା ହୁଏତ ସମ୍ପୂର୍ଣ୍ଣ ପାଇଁ ଭଲ ହୋଇଗଲା । କାରଣ ରୋଗର ଲକ୍ଷଣ ଅପେକ୍ଷା ରୋଗର ଇତିହାସ ଏ ସ୍ଥଳରେ ମୋତେ ଏଇ ସିଦ୍ଧାନ୍ତରେ ଉପନୀତ ହେବାପାଇଁ ବାଧ୍ୟ କରୁଛି । ଦେଖନ୍ତୁ, ଆପଣମାନେ ମୋତେ ରୋଗର ପ୍ରାରମ୍ଭରୁ ଏ ପର୍ଯ୍ୟନ୍ତ ତାହାର ବିଭିନ୍ନ Stageରେ ଯେଉଁ ଘଟଣାବଳୀ ଶୁଣାଇଲେ, ସେଥିରୁ ସ୍ପଷ୍ଟରୂପେ ଜଣାଯାଉଛି ଯେ କୌଣସି ଏକ ବୀଭତ୍ସ ଦୃଶ୍ୟ ଦର୍ଶନ କଲାମାତ୍ରେ କିମ୍ବା ତାହାର ବର୍ଣ୍ଣନା ଶୁଣିଲା ମାତ୍ରେ ରୋଗର attack ହେଉଥିଲା । ତାହାର କାରଣ ସ୍ୱରୂପ ମୁଁ କହିପାରେ—ସାଧନା ଯେତେବେଳେ ତାଙ୍କର ବାପା ଓ ମା’ଙ୍କ ସାଙ୍ଗରେ ଇଂଲଣ୍ଡ ଯାଇଥିଲେ ଏବଂ ସେଠାରେ ସେ ତାଙ୍କର—

Digitized by srujanika@gmail.com

ଅଶୋକ—ସେ ବିଷୟରେ ପୁନରାବୃତ୍ତି କରନ୍ତୁ ନାହିଁ ସାର୍ । ମୋର ଆଶଙ୍କା ହୁଏ ପୃଥିବୀରେ ଯଦି···

ପ୍ରଫେସର—ରୋଗର ଆକ୍ରମଣ ହେବ ? ବେଶ୍ ହେଉ, ତାହେଲେ ଆମେ ଜାଣିପାରିବା ଆମର ଡ଼ାଏଗୋନେସିସ୍‌ରେ କେଉଁଠାରେ ତ୍ରୁଟି ରହିଗଲା···

ଉଦୟ—Sir, attack ପରେ attack ସହ୍ୟ କରିବାର ଶକ୍ତି ତାର ନାହିଁ ।

ପ୍ରଫେସର—ତୁମ ମୁହଁରେ ଏ କଥା ଶୋଭାପାଉ ନାହିଁ । ଉଦୟ, ତୁମେ ଜଣେ ଡାକ୍ତର । ଅବଶ୍ୟ ମୁଁ ବୁଝିପାରୁଚି ତୁମ ମନର ଉଦ୍‌ବେଗ ତୁମକୁ ବେଳେ ବେଳେ ଦୁର୍ବଳକରି ଦେଉଚି···ତୁମେ ସମସ୍ତେ ଲକ୍ଷ୍ୟକର ସାଧନା କେତେ ସତେଜ···ତୁମେମାନେ ଲକ୍ଷ୍ୟକର ତାର ମନର ଭାବରେ କଣ କିଛି ପରିବର୍ତ୍ତନ ଘଟୁଛି । ହଁ ଉଦୟ, ସେଠି ହେବ ତୁମର ସାଧନା ଦେବୀଙ୍କ ସହିତ ପ୍ରଥମ ସାକ୍ଷାତ···

ଉଦୟ—ହଁ ସାର୍—ସେ ଶ୍ମଶାନ ପୃଷ୍ଠରେ, ବାପା ମାଆଙ୍କୁ ହରାଇ ସାଧନା ଏକପ୍ରକାର ପାଗଳିନୀ । ମାଆଙ୍କର ମୃତଶରୀରଟାକୁ ସେ ଯେପରି ଛାଡ଼ିବାକୁ ପ୍ରସ୍ତୁତ ନଥାଏ—କଷ୍ଟକରି ସ୍ୱେଚ୍ଛା-ସେବକ ଦଳ ସାଙ୍ଗରେ ଯାଇଥାଏ ମୁଁ । ଭଗବାନଙ୍କ ବରଦ ହସ୍ତ ମଡ଼ାକୁଡ ମଧ୍ୟରୁ ପାଇଲି ସାଧନାକୁ—ତାର ଏକାଜିଦ୍ ସେ ଯିବ ତାର ବାପା, ମା'ଙ୍କ ସାଙ୍ଗରେ; କିନ୍ତୁ ମୋର ହେଲି ତହିଁ ବଳି ଜିଦ୍ । ନା—ମୁଁ ତୁମକୁ ଫେରାଇ ନେବି—ତୁମର ଦାୟିତ୍ୱ ମୁଁ

Digitized by srujanika@gmail.com

ବନ୍ଧନ କରିବ—ମୋର ଭରସାଥାଇ ସାଧନା ସେ ବାଟରୁ ଫେରି ଆସିଲା ।

ପ୍ରଫେସର—କିନ୍ତୁ ଯେତେବେଳେ ଦେଖେ ତା'ର ମନର ମଣିଷଟି ଆଖିରୁ ଅନ୍ତର ହୋଇ ଯାଉଛନ୍ତି—ସେତେବେଳେ ତାର ମନେପଡ଼େ ବାପା, ମା'ଙ୍କ କଥା, ପୁଣି ସେହି ପୂର୍ବ ସ୍ମୃତି··· ତା'ର ସୁଯୋଗରେ ବାଟପାଏ ଏଇ ରୋଗଟା—ନୋହିତ ?

ଅଶୋକ—ଆପଣ ଠିକ୍ କହୁଛନ୍ତି ସାର୍, ମୋର ପ୍ରତ୍ୟେକ ଲେଖାରେ ଦେଖିବେ ସାଧନାର ଜୀବନର ଗୁପ୍ତାଘାତ । ସେ ତାକୁ ଛଡ଼ି ଛଡ଼ି ବେଳେବେଳେ ମୂର୍ଚ୍ଛା । ହୋଇଯାଏ ।

ପ୍ରଫେସର—ଉଦୟବାବୁଙ୍କଠାରୁ ଶୁଣିଲି ଏଇ ନାଟକଟି ମଧ୍ୟ ଆପଣଙ୍କର । ଯେଉଁ ଦୃଶ୍ୟରେ ଏ ଦୁର୍ଘଟଣା ଘଟିଲା ସେ ଠିକ୍ ଆପଣଙ୍କ ସେ ଉପନ୍ୟାସର ଗୋଟିଏ ଗୁପ୍ତ···

ଅଶୋକ—ହଁ ସାର୍ !

ପ୍ରଫେସର—ସେ ଦୃଶ୍ୟ ଦେଖି ତାର ପୂର୍ବ ସ୍ମୃତି ମନେପଡ଼ିଗଲା । ଏଣେ ମନ ଭିତରେ ଗୋଟିଏ ଦ୍ୱନ୍ଦ୍ୱର ସୃଷ୍ଟି ହୋଇ ଚାଲିଥାଏ ସୁରେଶ୍ୱରକୁ କେନ୍ଦ୍ର କରି । ସତେଅବା ସାଧନା ତାହାର ନିଜର ଲୋକଟିକୁ ହରାଇ ବସିବ ? ତାପରେ ସେ ଦୃଶ୍ୟର ବୀଭତ୍ସତା ଦେଖି ତା ମନରେ ଯେଉଁ shock ହେଲା ତାର velocityଟା ଏକାଥରେକେ ଏତେ ବେଶୀ ହେଲା ଯେ ଅଳ୍ପ ସମୟ ମଧ୍ୟରେ ଆମରି treatmentର ଗୋଟାଏ full course ହୁଏ ତ applied ହୋଇପାରିଲା । ତେଣୁ ମୋର ସମ୍ପୂର୍ଣ୍ଣ ଭରସା, ପୁନର୍ବାର ଏହି ରୋଗର ଆକ୍ରମଣ ହେବ ନାହିଁ । ସାଧନା

Digitized by srujanika@gmail.com

ବର୍ତ୍ତମାନ ସମ୍ପୂର୍ଣ୍ଣ ରୋଗମୁକ୍ତ । ଆପଣ ଦେଖନ୍ତୁ ସେ ସମସ୍ତ ଘଟଣା ସଚେତନ ମନରେ ଶୁଣି ପାରିଲେ—ଯାହାକି ଏହା ପୂର୍ବରୁ କେବେ ଘଟି ନ ଥିଲା ।

ଅଶୋକ—ଆପଣଙ୍କ ନିକଟରେ ମୁଁ ବିଶେଷ ଋଣୀ ପ୍ରଫେସର ସାହେବ ।

ପ୍ରଫେସର—ଆପଣ ଭୁଲ୍ କରୁଛନ୍ତି ଅଶୋକବାବୁ, ଆପଣ ସର୍ବ ପ୍ରଥମେ ଋଣୀ ଉଦୟବାବୁଙ୍କଠାରେ । ତାପରେ ଆପଣ କମ୍ ଋଣୀ ନୁହନ୍ତି ଏହି ଡ୍ରାମାଟିକ ସୋସାଇଟି ନିକଟରେ—

ସେକ୍ରେଟାରୀ—ଆମେ ମଧ୍ୟ ଅଶୋକ ବାବୁଙ୍କଠାରେ ଋଣୀ ସାର୍—ତାଙ୍କର ନାଟକ ରଚନା ପାଇଁ ।

ପ୍ରଫେସର—Another warning for the future. ସାଧନା ଦେବୀଙ୍କର ରୋଗଟିକୁ ସମୂଳେ ବିନାଶ କରିବାପାଇଁ ଦରକାର ତାଙ୍କ ମନରେ ପୂର୍ଣ୍ଣ ଆଶ୍ୱାସନା ଯେ ଉନ୍ମାଦ ଲେଇର ଶ୍ମାଶନରୁ ସାଧନା ଯାହାଙ୍କ ଭରସାରେ ଫେରି ଆସିଥିଲେ, ତା'ର ଜୀବନ ରଙ୍ଗମଞ୍ଚ ଉପରକୁ ସେ ସେପରି ତାଙ୍କର ଜୀବନସାରା ସାଥୀ ହୋଇ ରହିବେ । This is merely a suggesion ! ମୋ ତରଫରୁ ଏ ପ୍ରସ୍ତାବ ମାତ୍ର ଭବିଷ୍ୟତ ପାଇଁ ।

ସେକ୍ରେଟାରୀ—ମୁଁ ତାକୁ ଅନ୍ତରର ସହିତ ଅନୁମୋଦନ କରୁଅଛି ।

ପ୍ରଫେସର—ଦେଖୁଛି ପ୍ରସ୍ତାବଟା ସର୍ବସମ୍ମତିକ୍ରମେ ପାଶ ହୋଇଯିବାରେ କିଛି ଅସୁବିଧା ନାହିଁ—କିନ୍ତୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ—

Digitized by srujanika@gmail.com

ସୂଚନା—ସେ ଦାୟିତ୍ୱ ମୁଁ ନଉଚ ସାର୍, କଥାଦଅ ଉଦୟବାବୁ, ସାଧନାର ପୂର୍ଣ୍ଣ ଦାୟିତ୍ୱ ଆପଣ ନେଲେ—

ସେକ୍ରେଟାରୀ—ମଧୁରେଣ ସମାପୟେତ୍ ଲକ୍ଷଣଂ । ଆଜ ବେଶୀ ପଟୁର ଲଭନାହିଁ । ପାଞ୍ଜିପତ୍ର ଖୋଲିଲେ ଦିନ ସ୍ଥିର ହେବ । କିନ୍ତୁ ବର୍ତ୍ତମାନ କଣ ହେବ ? ଆମର ନାଟକ—

ପ୍ରଫେସର—ଯାଅ; ଦର୍ଶକମାନଙ୍କୁ ଜଣାଇଦିଅ ଆଜ ଏତିକରେ ଅଭିନୟ ବନ୍ଦ ।

ମ୍ୟାନେଜର—ଏତିକରେ ସାର୍ ?

ପ୍ରଫେସର—ଏତେଗୁଡ଼ାଏ ଘଟଣା ଘଟିଗଲା ପରେ ତୁମେ କଣ ଭାବୁଚ ଆହୁରି କିଛି ବାକି ଅଛି ? ଡ୍ରପ୍ ପକାଇବାର ବ୍ୟବସ୍ଥା କରନ୍ତୁ ।

ସେକ୍ରେଟାରୀ—ବେଶ୍, ମ୍ୟାନେଜରବାବୁ ! ଅଖ୍ୟାତ ପଲ୍ଲୀର ମଧ୍ୟବିତ୍ତ ପରିବାରର ଝିଅ ସାଧନାକୁ ଲକ୍ଷ୍ୟକରି ଅଶୋକବାବୁଙ୍କର ଏଇ ଯେଉଁ ନାଟକ···ସାଧନାକୁ ତାର ଜୀବନ ସମୁଦ୍ରର କୂଳରେ ପହଞ୍ଚାଇ ଦେବା ପରେ ଯବନିକା ଟାଣିବା ଛଡ଼ା ଆଉ କଣ କରାଯାଇ ପାରିବ ? ବେଶ୍ ହୁଇସିଲ୍ ଦିଅ ।

ମ୍ୟାନେଜର—(ହୁଇସିଲ୍ ବଜାଇ, ମୁହଁରେ ହୁଇସିଲ ଥାଇ) ଡ୍ରପ୍ ଡ୍ରପ୍···

—ଡ୍ରପ୍—

Digitized by srujanika@gmail.com